






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

## ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

## ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଟିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଟିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥେଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଟିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

## ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବଶତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଉ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

## ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

## ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ସ୍ୱାସ୍ଥ୍ୟ ପାଇଁ ଶାକାହାର ଖାଦ୍ୟ

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଚ୍ଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଞିବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡ଼ା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ। ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଇ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ। ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ। ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। କାରଣ ଦୁଗ୍ଧ ପେଟରେ ଯାଇ ଲାକ୍‌ଟିକ୍ ଏସିଡ୍ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ। ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍। ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ। ତେଣୁ ସେମାନେ ଶରୀରରେ ଯାଇ ସଞ୍ଜିବୀତ ହେବାକୁ ଚାହାଁନ୍ତି। ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ। ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି। ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି। ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ। ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ- ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ।

**ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ,** ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ପାଥୋଲୋଜି ବିଭାଗ, ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା, ଦୂରଭାଷ : ୯୪୩୮୩୬୯୫୪୯

# ଜନସେବକ ଠକ୍କର ବାପା



ଓଡ଼ିଶାର ବନ୍ଧୁ ଭାବେ ସୁପରିଚିତ ଜନସେବକ ବିଶିଷ୍ଟ ସଂଗ୍ରାମୀ ଠକ୍କର ବାପା ଗୁଜରାଟର ଭାବନଗରଠାରେ ୧୮୬୯ ନଭେମ୍ବର ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ୧୮୯୦ରେ ପୁନା ଇଞ୍ଜିନିୟରିଂ କଲେଜରୁ ସମ୍ମାନର ସହିତ ଇ.ସି.ଇ. ଉପାଧି ପାଇଥିଲେ। ଦେଶମାତୃକାର ସେବା ପାଇଁ ୧୯୧୪ ଫେବୃୟାରୀ ୬ ତାରିଖ ଦିନ ସେ ଆକର୍ଷଣୀୟ ବୃତ୍ତିରେ ଥିବା ଉଚ୍ଚ ପଦବୀର ଚାକିରୀକୁ ପ୍ରତ୍ୟାଖ୍ୟାନ କରି ସଂଗ୍ରାମୀ ଗୋପାଳକୃଷ୍ଣ ଗୋଖଲେଙ୍କ ଦ୍ୱାରା ପ୍ରତିଷ୍ଠିତ ସେବାଭିମୁଖୀ ସଂଗଠନ ସର୍ଭେଣ୍ଟ ଅଫ୍ ଇଣ୍ଡିଆ ସୋସାଇଟିର ଜଣେ ସଭ୍ୟ ଭାବେ ସାମିଲ ହୋଇଥିଲେ। ୧୯୨୦ ମସିହାରେ ଗାନ୍ଧିଜୀ ଉତ୍କଳମଣି ଗୋପବନ୍ଧୁଙ୍କ ନିକଟତର ହୋଇ ତତ୍କାଳୀନ ସମୟରେ ଦୁର୍ଭିକ୍ଷ ପ୍ରପୀଡ଼ିତ ଓଡ଼ିଶାରୁ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ସେ ଠକ୍କର ବାପାଙ୍କୁ ଓଡ଼ିଶା ପଠେଇଥିଲେ। ୧୯୪୨ ଓ ୧୯୪୪ରେ ଓଡ଼ିଶାରେ ସଂଗଠିତ ଭୟାବହ ବନ୍ୟା ଓ ବାତ୍ୟା ପ୍ରପୀଡ଼ିତଙ୍କ ପାଖରେ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଠକ୍କର ବାପାଙ୍କ ସୁପରିଚାଳନାରେ ଦାୟିତ୍ୱ ସମ୍ପନ୍ନ ହୋଇଥିଲା। ଠକ୍କର ବାପାଙ୍କ ପ୍ରୋତ୍ସାହନରେ ଓଡ଼ିଶାରେ ଖଦୀ ପ୍ରସ୍ତୁତି ପାଇଁ ଏକ ପ୍ରକାର ଭିତ୍ତି ହିଁ ପଡ଼ିଥିଲା। ଗୋରା ଫଉଜଙ୍କ ବିରୁଦ୍ଧରେ ସଂଗ୍ରାମ ପାଇଁ ସେ ବିଭିନ୍ନ ସେବାଶ୍ରମ ଓ ସେବାକୁଟୀର ଗଢ଼ି ସଂଗ୍ରାମୀମାନଙ୍କୁ ନିରାପଦ ଆଶ୍ରୟ ଦେଇପାରୁଥିଲେ। ସେ ଓଡ଼ିଶାରେ କପାଚାଷ, ମହୁଚାଷ, କତା ଶିଳ୍ପ ଓ ମୌଳିକ ଶିକ୍ଷାଦାନ ପାଇଁ କ୍ଷେତ୍ର ପ୍ରସ୍ତୁତ ବି କରିଥିଲେ। ଗାନ୍ଧିଜୀଙ୍କ କୁଟି ଖାଅ ଓ କାଟି ପିନ୍ଧ ଆହ୍ୱାନକୁ ପ୍ରଥମେ ଓଡ଼ିଶା ଭଳି ପଛୁଆ ରାଜ୍ୟରୁ ପୂର୍ଣ୍ଣ ସମର୍ଥନ ମିଳିବା ପଛରେ ଥିଲା ଠକ୍କର ବାପାଙ୍କ ସହଯୋଗ। ସେ ଭାରତର ସ୍ୱାଧୀନତା ସଂଗ୍ରାମକୁ ସଫଳ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଗାନ୍ଧିଜୀଙ୍କ ହରିଜନ ଆନ୍ଦୋଳନର ଜଣେ ସୁଦକ୍ଷ ସହଯୋଗୀ ଥିଲେ ସେ। ଗାନ୍ଧିଜୀଙ୍କ ଦ୍ୱାରା ଗଠିତ ନିଖିଳ ଭାରତ ହରିଜନ ସେବକ ସଂଘର ପ୍ରଥମ ଜାତୀୟ ସମ୍ପାଦକ ଭାବେ ସେ ଗୁରୁଦାୟିତ୍ୱକୁ ବେଶ୍ ସଫଳତାର ସହ ତୁଲାଇବାକୁ ସକ୍ଷମ ହୋଇଥିଲେ। ଠକ୍କର ବାପା ଜଣେ ସଚ୍ଚୋଟ ସତ୍ୟନିଷ୍ଠ କର୍ମୀ, ସଚ୍ଚା ଦେଶଭକ୍ତ ଓ ଯଥାର୍ଥରେ ଥିଲେ ଦୁଃଖୀ ଜନତାର ବନ୍ଧୁ। ଓଡ଼ିଶାରେ ଠକ୍କର ବାପାଙ୍କ ସ୍ମୃତି ନେଇ ଏକ ସ୍ମରଣୀୟ କ୍ଷେତ୍ର ରହିଛି, ତାହା ହେଉଛି ଓଡ଼ିଶାରେ ବଡ଼ଚଣାର ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତଃ ବୃନ୍ଦାବନ ତ୍ରିପାଠୀଙ୍କ କର୍ମ ଓ ସ୍ୱାଧୀନ ଆନ୍ଦୋଳନର ସ୍ମରଣୀୟ କ୍ଷେତ୍ର। ପରବର୍ତ୍ତୀ ସମୟରେ ସଂଗ୍ରାମୀ ବୃନ୍ଦାବନ ତ୍ରିପାଠୀ ଟ୍ରଷ୍ଟ ବଡ଼ଚଣା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିପଡ଼ିଆର ଶହୀଦ ସ୍ମୃତି କ୍ଷେତ୍ରସ୍ଥଳୀରେ ଏକ ବିଶାଳ ପାଠାଗାର, ସଂଗ୍ରାମୀଙ୍କ ଅନେକ ସଂଗ୍ରହଣୀୟ ହାତତିଆରି ଜିନିଷର ଅଭୁଲା ସ୍ମୃତି ରହିଛି। କେବଳ ଓଡ଼ିଶା ନୁହେଁ ଭାରତବର୍ଷର ଅନେକ ଗବେଷକ, ଶିକ୍ଷାବିତ୍, ସଂଗ୍ରାମୀ, ସଂଗ୍ରାମୀଙ୍କ ପରିବାରବର୍ଗ ଏହି ଅଦ୍ୱିତୀୟ ସଂଗ୍ରାମୀ କ୍ଷେତ୍ରକୁ ବୁଲି ଆସନ୍ତି। ସରକାର ଏପରି ଏକ ବିରଳ କ୍ଷେତ୍ର ପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସରକାରୀ ସ୍ତରରେ କୌଣସି କାର୍ଯ୍ୟକ୍ରମ ହାତକୁ ନେବା ନେଇ ସାଧାରଣରେ ସ୍ୱର ଉଠୁଛି। ସଂଗ୍ରାମୀ ଦମ୍ପତି ବଡ଼ଚଣା ଗାନ୍ଧୀ ସ୍ୱର୍ଗତଃ ବୃନ୍ଦାବନ ତ୍ରିପାଠୀ ଓ ତାଙ୍କ ସହଧର୍ମିଣୀ ସରସ୍ୱତୀ ତ୍ରିପାଠୀ ସେମାନଙ୍କ ଜୀବନଚର୍ଯ୍ୟାରେ ଖଦଡ଼ ପ୍ରସ୍ତୁତି ସହ ସ୍ୱାବଲମ୍ବୀ ହେବା, ନିଶା ନିବାରଣ ଓ ଅସ୍ପୃଶ୍ୟତାକୁ ଏକ କଳଙ୍କ ଭାବେ ବିବେଚନା କରି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ନିର୍ବିଶେଷରେ ସମସ୍ତେ ଆମେ ଜଣେ ଭାରତୀୟ ବୋଲି ଆମ୍ଭମାନଙ୍କ ଭିତରେ ଚେତନା ରହିବା ଜରୁରୀ। ଏହି ମହାନ ସଫଳ ଜନସେବକ ୧୯୫୦ ମସିହା ଜାନୁୟାରୀ ୧୯ ତାରିଖ ଦିନ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

# ଜନସଂଖ୍ୟା ବୃଦ୍ଧି ସମସ୍ୟା ଦେଶ ଆଗରେ ବଡ଼ ଆହ୍ୱାନ



ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ସମଗ୍ର ଦେଶରେ ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ଏକ ମସ୍ତବଡ଼ ଚାଲେଞ୍ଜ ରୂପେ ଦେଖାଦେଇଛି। ବାସ୍ତବ କ୍ଷେତ୍ରରେ ଏହା ଆଉ ଏକ ସମସ୍ୟା ହୋଇରହିନାହିଁ, ଦେଶକୁ ବିସ୍ଫୋରଣ ସ୍ଥିତି ଆଡ଼କୁ ଟାଣି ନେଇଛି। କାରଣ ଯେପରି ଦ୍ରୁତଗତିରେ ଜନସଂଖ୍ୟା ହାର ବଢ଼ିଚାଲିଛି, ସେଥିରେ ଆଗାମୀ କିଛି ବର୍ଷ ମଧ୍ୟରେ ସ୍ଥାନାଭାବ, ଖାଦ୍ୟାଭାବ, ବେକାରୀ ବୃଦ୍ଧି ଆଦି ସଂକଟ ଯେ ଦେଶକୁ କବଳିତ କରିବ, ଏଥିରେ ସନ୍ଦେହ ନାହିଁ। ଜନସଂଖ୍ୟା ବୃଦ୍ଧିର ହାରକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ୨୦୧୧ ମସିହାର ଜନଗଣନାରେ ଭାରତର ଲୋକସଂଖ୍ୟା ୧୨୦କୋଟି ରହିଥିଲା। ସେତେବେଳେ ଏହା ଯୁକ୍ତରାଷ୍ଟ୍ର ଆମେରିକା, ପାକିସ୍ତାନ, ଇଣ୍ଡୋନେସିଆ, ବ୍ରାଜିଲ, ବାଙ୍ଗଲାଦେଶ ଓ ଜାପାନର ମିଳିତ ଲୋକସଂଖ୍ୟା ଠାରୁ ଅଧିକ ଥିଲା। ଅର୍ଥାତ୍ ଏହି ସମସ୍ତ ଦେଶର ଲୋକସଂଖ୍ୟାକୁ ମିଶାଇ ଦେଲେ ଯେତିକି ସଂଖ୍ୟା ହେବ, ଏକା ଭାରତର ଲୋକସଂଖ୍ୟା ତା'ଠାରୁ ଢ଼େର ଅଧିକ। ତେବେ ଉଦ୍‌ବେଗର ବିଷୟ ହେଉଛି ଯେ, ମାତ୍ର ସାଢ଼େ ତିନିବର୍ଷ ମଧ୍ୟରେ ଅର୍ଥାତ୍ ଗତ ଜୁଲାଇ ୧୧ ତାରିଖ ସନ୍ଧ୍ୟା ୫ଟା ବେଳକୁ ଆମ ଦେଶର ଜନସଂଖ୍ୟା ୧୨୭ କୋଟି ୪୨ଲକ୍ଷ ୩୯ ହଜାରରେ ପହଞ୍ଚିଯାଇଛି। ୩/୪ ବର୍ଷ ମଧ୍ୟରେ ଗୋଟିଏ ଦେଶର ଜନସଂଖ୍ୟା ୭କୋଟି ୪୨ଲକ୍ଷ ବଢ଼ିବା କିଛି କମ୍ କଥା ନୁହେଁ। ଏବେ ଭାରତର ଜନସଂଖ୍ୟା ସମଗ୍ର ପୃଥିବୀର ଜନସଂଖ୍ୟାର ୧୭.୨୫ ପ୍ରତିଶତ। ଗତ ୧୧ ତାରିଖ ଦିନ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ସରକାରୀ ସୂତ୍ରରୁ ଏହି ଚିନ୍ତାଜନକ ତଥ୍ୟ ହସ୍ତଗତ ହୋଇଛି। ଏହି ସୂତ୍ରରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଆଜି ଆମ ଦେଶର ଲୋକସଂଖ୍ୟା ୧.୭ ପ୍ରତିଶତ ହାରରେ ବଢ଼ିବାରେ ଲାଗିଛି। ଯଦି ଏଥିରେ ଲଗାମ ଲଗାନଯାଏ, ତେବେ ୨୦୫୦ ମସିହା ବେଳକୁ ଭାରତ ଲୋକସଂଖ୍ୟାରେ ଚୀନକୁ ମଧ୍ୟ ଟପିଯିବ। ବର୍ତ୍ତମାନ ଚୀନର ଲୋକସଂଖ୍ୟା ୧୩୯ କୋଟି ରହିଛି। ଦୁଇ ଦେଶର ଲୋକସଂଖ୍ୟା ଭିତରେ ରହିଥିବା ତାରତମ୍ୟ ଧୀରେ ଧୀରେ କମିଯାଉଛି। କାରଣ ଚୀନରେ ଜନସଂଖ୍ୟା ବୃଦ୍ଧିର ହାର ଭାରତ ଠାରୁ ମନ୍ଥର ହୋଇଥିବାବେଳେ ଭାରତରେ ଏହା ଦୌଡ଼ିବାରେ ଲାଗିଛି। ୨୦୫୦ ସୁଦ୍ଧା ଭାରତର ଜନସଂଖ୍ୟା ୧୬୩ କୋଟିକୁ ଟପିଯିବ, ଯେତେବେଳେ କି ଚୀନ ଆମଠାରୁ ପଛରେ ପଡ଼ିଥିବ। ବର୍ତ୍ତମାନ ଆମ ଦେଶରେ ଯେତେସବୁ ବିଭ୍ରାଟ ଓ ବିଲକ୍ଷଣ ଦେଖାଯାଉଛି, ତାର ମୂଳ କାରଣ ହେଉଛି ବିସ୍ଫୋରଣମୁଖୀ ଜନସଂଖ୍ୟା ବୃଦ୍ଧି। ଏହା ଦେଶର କ୍ରମବର୍ଦ୍ଧିଷ୍ଣୁ ଦାରିଦ୍ର୍ୟର ମୁଖ୍ୟ କାରଣ ହୋଇଥିବାବେଳେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ବିଫଳ ହେବାର ମଧ୍ୟ ଅନ୍ୟତମ କାରଣ ବୋଲି ବିଚାର କରାଯାଉଛି। ଏହି କାରଣରୁ ପ୍ରଶାସନ ତଳସ୍ତରରେ ଥିବା ସମସ୍ତ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ ,ବଂ ଜନସଂଖ୍ୟାର ଏକ ବିଶାଳ ଭାଗ ପ୍ରଶାସନ ଠାରୁ ଅପହଞ୍ଚ ଦୂରତ୍ୱରେ ରହୁଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥା ସମାନୁପାତିକ ହୋଇପାରୁନାହିଁ। ଆମ ଦେଶର କେବଳ ଗୋଟିଏ ରାଜ୍ୟ ଉତ୍ତର ପ୍ରଦେଶର ଜନସଂଖ୍ୟା ପୃଥିବୀର ପଞ୍ଚମ ଜନବହୁଳ ଦେଶ ବ୍ରାଜିଲ ଠାରୁ ମଧ୍ୟ ଅଧିକ ଏହି ତଥ୍ୟ କେହି ବିଶ୍ୱାସ କରିପାରିବେ ନାହିଁ। ଭାରତରେ ଜନସଂଖ୍ୟା ଏଭଳି ଦ୍ରୁତଗତିରେ ବଢ଼ିବାର କାରଣ ନେଇ ଏବେ ବୈଜ୍ଞାନିକ ଓ ସମାଜବିଜ୍ଞାନୀମାନେ ଗବେଷଣା ଚଳାଇଛନ୍ତି। ସେମାନଙ୍କ ମତରେ କମ୍ ବୟସରେ ବିବାହ ଆମ ଦେଶରେ ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାରଣ। ଯେହେତୁ ଭାରତରେ କେବଳ ବିବାହ ପରେ ହିଁ ସନ୍ତାନ ଜନ୍ମକୁ ସମାଜ ସ୍ୱୀକୃତି ଦେଇଛି, ତେବେ ବିବାହର ବୟସ ସୀମା ଉପରେ ଦୃଷ୍ଟି ରଖିଲେ, ଏହି ସମସ୍ୟାର ଆଂଶିକ ସମାଧାନ ହୋଇପାରିବ। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଦେଶର କେତେକ ଅଞ୍ଚଳରେ ୧୮ବର୍ଷରୁ କମ୍ ବୟସର ଝିଅମାନେ ବିବାହ କରୁଛନ୍ତି। ଏମାନଙ୍କ ସଂଖ୍ୟା ପ୍ରାପ୍ତ ପନ୍ଦର ପ୍ରତିଶତ ହୋଇଥିବାବେଳେ ସେହି ସବୁ ଅଞ୍ଚଳରେ ଅଧିକ ସନ୍ତାନ ଜନ୍ମ ହେଉଥିବାର ଦେଖାଯାଉଛି। ଯଦିଓ ବାର୍ଷିକ ଶିଶୁ ଜନ୍ମହାର ବିଗତ ବର୍ଷ ଗୁଡ଼ିକ ତୁଳନାରେ କ୍ରମାଗତ ହ୍ରାସ ପାଉଛି, ତଥାପି ତାହା ପର୍ଯ୍ୟାପ୍ତ ନୁହେଁ। ଏ କ୍ଷେତ୍ରରେ ଆହୁରି ସଂଯମତା ଓ ସତର୍କତା ଅବଲମ୍ବନ କରାଯିବାର ଆବଶ୍ୟକତା ରହିଛି। ଚାଷଜମି ପରିମାଣ କମିଯିବା ଫଳରେ ଖାଦ୍ୟ ଉତ୍ପାଦନ ହ୍ରାସ ପାଉଛି, ଭୂତଳ ଜଳସ୍ତର ହ୍ରାସ ପାଇଚାଲିଛି, ବାସଗୃହ କରିବାକୁ ସ୍ଥାନ ନାହିଁ। ଏଭଳି କ୍ଷେତ୍ରରେ ଜନସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଲେ କି ଭୟଙ୍କର ସ୍ଥିତି ଉପୁଜିବ, ତାହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ। ଆଜିଠୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଗଲେ ଭବିଷ୍ୟତରେ ସ୍ଥିତି ଭୟାବହ ସୁନିଶ୍ଚିତ।

**(ସୌଜନ୍ୟ: ଡାକ୍ତର ନୀଳମାଧବ ପୃଷ୍ଟି)**

# ଅନ୍‌ଲାଇନରେ ସରକାରୀ ଶିଶୁ ଚିକିତ୍ସା ଉପଲବ୍ଧ



ଭୁବନେଶ୍ୱର (ପିଏନ୍): ସମଗ୍ର ଭାରତରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏକ ବିରଳ ଓ ଆଦର୍ଶଣୀୟ ଶିଶୁ ଚିକିତ୍ସା ବ୍ୟବସ୍ଥା ହାତକୁ ନେଇଛନ୍ତି। ଓଡ଼ିଶାର ବିଶେଷକରି ରାଜ୍ୟର ଅଗମ୍ୟ ଓ ଉପାନ୍ତ ଅଞ୍ଚଳ କୁହାଯାଉଥିବା ଶିଶୁରୋଗୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସେମାନଙ୍କ ଘର ପାଖରେ ପହଞ୍ଚିବାର ସରକାରୀ ବ୍ୟବସ୍ଥା ହୋଇଛି। ଟେଲି ମେଡ଼ିସିନ୍ କେନ୍ଦ୍ର ମାଧ୍ୟମରେ ନିଜ ଜିଲ୍ଲାରେ ରହି ଶିଶୁଭବନର ଅଭିଜ୍ଞ ଓ ବିଶେଷଜ୍ଞ ଶିଶୁ ରୋଗ ବିଭାଗର ଡାକ୍ତରମାନେ ଅନ୍‌ଲାଇନରେ ଚିକିତ୍ସା ପରାମର୍ଶ ଦେବାର ବ୍ୟବସ୍ଥା ହୋଇଛି। ଶିଶୁଙ୍କୁ ତତ୍କାଳ ଓ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ପ୍ରଥମଥର ପାଇଁ ଶିଶୁଭବନ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଯାହାପାଇଁ ରାଜ୍ୟରେ ଥିବା ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶିଶୁରୋଗ ବିଶେଷଜ୍ଞଙ୍କୁ ପତ୍ର ମାଧ୍ୟମରେ ସୂଚୀତ କରାଯାଇଛି। ଶିଶୁଙ୍କୁ ଉନ୍ନତମାନର ବୈଷୟିକ ଜ୍ଞାନସମ୍ପନ୍ନ ଚିକିତ୍ସା ହେଉ ବା ପରାମର୍ଶ ଏଣିକି ଜିଲ୍ଲା ସଦର ମହକୁମାରେ ଥିବା ଚିକିତ୍ସାଳୟରେ ଟେଲି ମେଡ଼ିସିନ୍ ସେଣ୍ଟରରେ ସହାୟତା କରିବା ନେଇ ବ୍ୟବସ୍ଥା ହୋଇଛି। ଯାହାଦ୍ୱାରା ଶିଶୁଭବନ ଠାରୁ ବହୁତ ଦୂରରେ ରହୁଥିବା ଯୋଗାଯୋଗ ବିହୀନ ଉପାନ୍ତ ଅଞ୍ଚଳର ଶିଶୁରୋଗୀମାନେ ନିଜ ହାତପାହାନ୍ତାରେ ସରକାରୀ ଚିକିତ୍ସା ସୁବିଧା ପାଇବା ସହ ସେମାନେ ଲାଭବାନ ମଧ୍ୟ ହୋଇପାରିବେ। ଯାହାଦ୍ୱାରା ଦୂର ସ୍ଥାନରୁ ଓ ମୁମୂର୍ଷୁ ଅବସ୍ଥାରେ ଶିଶୁଙ୍କୁ ନେଇ ଉନ୍ନତମାନର ଚିକିତ୍ସା ପାଇଁ ଶିଶୁଭବନ ଆସିବା ପାଇଁ ପଡ଼ିବ ନାହିଁ। ଏଠାରେ ସୂଚୀତ କରାଯାଇପାରେକି ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଇନ୍‌ଫର୍ମେସନ୍ ଟେକ୍‌ନୋଲୋଜି ବିଭାଗ ଏବଂ ଲକ୍ଷ୍ନୌ ସ୍ଥିତ ସଂଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡ଼ିକାଲ ସାଇନ୍ସର ମିଳିତ ସହଭାଗିତାରେ ଦେଶରେ ଏକାଧିକ ହସ୍ପିଟାଲରେ ଟେଲି ମେଡ଼ିସିନ୍ ସେଣ୍ଟର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କେବଳ ସେତିକି ନୁହେଁ ଏହି ଉନ୍ନତମାନର ଚିକିତ୍ସା ପ୍ରକଳ୍ପ ପାଇଁ ଇସ୍ରୋ ପକ୍ଷରୁ ସମସ୍ତ ପ୍ରକାର ହାଡ଼ଓ୍ୱାର ଓ ସଫ୍ଟୱେୟାର ଯୋଗାଇବା ସମ୍ପର୍କରେ ବିଧିବଦ୍ଧ ବୁଝାମଣା ମଧ୍ୟ ହୋଇଛି। ଏହି ସହାୟତାରେ ଓଡ଼ିଶାରେ ବର୍ତ୍ତମାନ ଶିଶୁ ଭବନକୁ ମିଶାଇ ସର୍ବମୋଟ ୩୫ଟି ହସ୍ପିଟାଲରେ ଟେଲି ମେଡ଼ିସିନ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଶିଶୁଭବନରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବାବେଳେ ପୁନେସ୍ଥିତ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଅଫ ଆଡ଼ଭାନ୍ସ କମ୍ପ୍ୟୁଟିଂ (ସି-ଡେକ) କାର୍ଯ୍ୟ ଶେଷ କରିଛି। ବର୍ତ୍ତମାନ ଶିଶୁଭବନର ମେଡ଼ିକାଲ ଓ୍ୱାର୍ଡ଼-୧ ର ଉପର ମହଲାରେ ଏହି ଟେଲି ମେଡ଼ିସିନ୍ କେନ୍ଦ୍ର ଖୋଲିଛି। ବର୍ତ୍ତମାନ ୧୨ଟି ସିଟ୍‌ର ବ୍ୟବସ୍ଥା ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏହା ୨୦କୁ ବୃଦ୍ଧି ପାଇବାର ଆଶା ରହିଛି। ଏହାପାଇଁ ଅନୁନ୍ୟ ୩୫ଲକ୍ଷ ଟଙ୍କା ଖର୍ଚ୍ଚର ପ୍ରକଳ୍ପ ରହିଛି। ପ୍ରାଥମିକ ଭାବେ ଶିଶୁ ଭବନର ଆରମ୍ଭ ହୋଇଥିବା ଟେଲି ମେଡ଼ିସିନ ସେଣ୍ଟର କଳାହାଣ୍ଡି ଜିଲ୍ଲା ସମେତ ଚାରଟି ହସ୍ପିଟାଲରେ ଥିବା ଟେଲି ମେଡ଼ିସିନ୍ ସେଣ୍ଟର ସହିତ ଅନ୍‌ଲାଇନରେ ଡାକ୍ତରୀ ପରାମର୍ଶ ଯୋଗାଯାଉଛି। ରାଜ୍ୟର ଅନ୍ୟ ଜିଲ୍ଲାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସହିତ ସଂଯୋଗ ବ୍ୟବସ୍ଥା ହେବ। ଶିଶୁରୋଗୀଙ୍କ ଅଭିଭାବକଙ୍କୁ ଯଥେଷ୍ଟ ସୂଚନା ଦେବା ପାଇଁ ଏହି ସେଣ୍ଟର ଉଦ୍‌ଘାଟନ ହେବା ପରେ ଏବଂ ଚିକିତ୍ସିତ ହୋଇ ଘରକୁ ଫେରୁଥିବା ଶିଶୁରୋଗୀଙ୍କୁ ଏକ ଚିଠା ପ୍ରଦାନ କରାଯାଉଛି। ଯାହାଫଳରେ ପରବର୍ତ୍ତୀ ସମୟରେ ପିଲାଟିର ରୁଟିନ୍ ଚିକିତ୍ସା ବା ପରାମର୍ଶ ପାଇଁ ସମ୍ପୃକ୍ତ ପିଲାଟି ଦୂରରୁ ଶିଶୁଭବନକୁ ନ ଆସି ନିକଟସ୍ଥ ସେଣ୍ଟରରେ ଏହି ସୁବିଧା ପାଇପାରିବେ। କେବଳ ସେତିକିନୁହେଁ ଉକ୍ତ ସୂଚନା ପତ୍ର ବା ଚିଠିକୁ ଶିଶୁଟିର ନିକଟସ୍ଥ ଜିଲ୍ଲାର ସିଡ଼ିଏମ୍‌ଙ୍କ କାର୍ଯ୍ୟାଳୟରେ ଦାଖଲ କଲେ ସ୍ଥାନୀୟ ଶିଶୁରୋଗ ବିଶେଷଜ୍ଞ ଶିଶୁଭବନ ଡାକ୍ତରଙ୍କୁ ଟେଲିଫୋନ ମାଧ୍ୟମରେ ଯୋଗାଯୋଗ କରି ଉଭୟ ଡାକ୍ତରଙ୍କ ମଧ୍ୟରେ ତାରିଖ ଓ ସମୟ ନିର୍ଘଣ୍ଟର ବ୍ୟବସ୍ଥା କରାଯାଇ ଜିଲ୍ଲାରେ ଶିଶୁରୋଗୀଙ୍କୁ ଟେଲି ସେଣ୍ଟରରେ ବସାଇ ଶିଶୁଭବନର ଡାକ୍ତରଙ୍କ ପରାମର୍ଶ ଓ ଚିକିତ୍ସା ସେବା ଯୋଗାଇ ଦିଆଯିବ। ପ୍ରତ୍ୟେକ ଦିନ ପାଖାପାଖି ଚାରୋଟି ଜିଲ୍ଲା ସହିତ ସଂଯୋଗ କାର୍ଯ୍ୟକ୍ରମ ରହିଛି। ଏହାସହିତ ଶିଶୁଭବନରେ ଶିଶୁରୋଗ ସମ୍ପର୍କିତ କର୍ମଶାଳା କିମ୍ବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟ କରୁଥିବା ଶିଶୁରୋଗୀଙ୍କୁ ମଧ୍ୟ ଟେଲି ମେଡ଼ିସିନ୍ ସେଣ୍ଟର ମାଧ୍ୟମରେ ସଂଯୋଗ କରାଯିବାକୁ ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ଶିଶୁମାନଙ୍କର ଯେକୌଣସି ଜଟିଳ ଦୂରାରୋଗ୍ୟ ସମ୍ପର୍କରେ ମଧ୍ୟ ଶିଶୁଭବନର ଅଭିଜ୍ଞ ଡାକ୍ତରଙ୍କ ନିକଟରୁ ଏହି କେନ୍ଦ୍ର ସହାୟତାରେ ପରାମର୍ଶ ନିଆଯାଇପାରିବ। ରାଜ୍ୟରେ ୩୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କଟକ, ବ୍ରହ୍ମପୁର, ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲ, କୋରାପୁଟ ଇତ୍ୟାଦି ମେଡ଼ିକାଲ କଲେଜ ସହିତ ଏହି ସଂଯୋଗ ବ୍ୟବସ୍ଥା ରହିବ। ଶିଶୁଭବନର ସମସ୍ତ ବିଭାଗର ଚିକିତ୍ସକ ମାନଙ୍କୁ କର୍ତ୍ତୃପକ୍ଷ ଚିଠି ମାଧ୍ୟମରେ ବିଧିବଦ୍ଧ ଭାବେ ସୂଚୀତ କରିଛନ୍ତି ଏହା ସହ କୌଣସି ବିଭାଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପୂର୍ବରୁ ଜିଲ୍ଲାସ୍ତରରେ ଥିବା ଟେଲି ମେଡ଼ିସିନ୍ ସେଣ୍ଟରର ଡାକ୍ତରଙ୍କୁ ଯୋଗାଯୋଗ କରାଯାଇ ସେଣ୍ଟର ସହାୟତାରେ ସଂଯୋଗ କରି ସେମାନଙ୍କୁ ମଧ୍ୟ ଅନ୍‌ଲାଇନରେ ପ୍ରଶିକ୍ଷଣ ଦେବାକୁ ସୂଚୀତ କରାଯାଇଛି। ଓଡ଼ିଶା ସରକାରଙ୍କ ଏଭଳି ଲୋକପ୍ରିୟ ଓ ଉଦାହରଣ ଯୋଗ୍ୟ ଶିଶୁ ସ୍ୱାସ୍ଥ୍ୟରୋଗ ପ୍ରକଳ୍ପର ବିଶାଳ କାର୍ଯ୍ୟକ୍ରମକ ଅନ୍ୟ ରାଜ୍ୟ ମାନଙ୍କୁ ଏହା ପାଇଁ ପ୍ରେରଣା ଯୋଗାଇବ ନିଶ୍ଚୟ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ବିଶେଷକରି ଶିଶୁରୋଗ ଚିକିତ୍ସା ପାଇଁ ସରକାର ଏହି ବ୍ୟବସ୍ଥାକୁ ଯୋଜନାବଦ୍ଧ ଓ ଲୋକପ୍ରିୟ କରାଇବା ପାଇଁ ଯେଉଁ ସଫଳ ଉଦ୍ୟମ ହାତକୁ ନେଇଛନ୍ତି ତାହା ଲକ୍ଷ ଲକ୍ଷ ଶିଶୁ ରୋଗୀମାନଙ୍କ ପାଇଁ ଅମୂଲ୍ୟ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ।

**(ସୌଜନ୍ୟ: ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ,** ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ: ୯୪୩୭୧୨୪୦୭୪)

# ଡାକ ବିଭାଗ ତରଫରୁ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): କେନ୍ଦୁଝର ଡାକ ବିଭାଗ ତରଫରୁ ବୃକ୍ଷ ରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅବସରରେ ଡାକ ବିଭାଗର କର୍ମଚାରୀଙ୍କୁ ନେଇ ବୃକ୍ଷ ରୋପଣ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ପୂର୍ବକ ପ୍ଲାକାର୍ଡମାନ ଧରି କେନ୍ଦୁଝର ଡାକ ଘରୁ ବାହାରି ସହର ପରିକ୍ରମା ପୂର୍ବକ ଜନସଚେତନତା ସୃଷ୍ଟି କରିଥିଲେ। ବିଶେଷ କରି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବ୍ୟାପକ ଜଙ୍ଗଲ କ୍ଷୟ ଓ ବହୁଳ ପ୍ଲାଷ୍ଟିକ ବ୍ୟବହାର ପାଇଁ ପରିବେଶ ଉପରେ ଏହାର ଭୟଙ୍କର କୁପ୍ରଭାବ ଯୋଗୁଁ ସମଗ୍ର ଜୀବଜଗତ ପ୍ରତି ନକାରାତ୍ମକ ପ୍ରଭାବ ପାଇଁ ଏବେଠାରୁ ଜନସମାଜ ସଚେତନ ନ ହେଲେ ଅଶେଷ କ୍ଷତି ସାଧନ ହେବ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ ହେବାକୁ ନିବେଦନ କରିବା ସଙ୍ଗେ ସଙ୍ଗେ ଉକ୍ତ ବାର୍ତ୍ତାକୁ ନିଜ ନିଜ ଅଂଚଳରେ ପହଂଚାଇ ଜନଜାଗରଣ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମ ଅବସରରେ କେନ୍ଦୁଝରଗଡସ୍ଥ ମଣ୍ଡୁଆର ପୋଷ୍ଟାଲ କଲୋନିରେ ବୃକ୍ଷରୋପଣ କରାଯାଇଥିଲା। ତତ୍ ସଙ୍ଗେ ସଙ୍ଗେ ଜିଲ୍ଲାର ଆରାଧ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ କରାଯାଇ ଥିଲା। କେନ୍ଦୁଝର ପୋଷ୍ଟାଲ ଡିଭିଜନର ଅଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର ପଟ୍ଟନାୟକ ଓ ସହ-ଅଧ୍ୟକ୍ଷ ରାଧାକୃଷ୍ଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡାକ କର୍ମଚାରୀ ଶ୍ରୀ ବସନ୍ତ କୁମାର ନାଏକ, ବିନୋଦବିହାରୀ ମୋଦି, ଭଗବାନ ନାଏକ, ବିନୋଦିନୀ ସାହୁ, ଦେବଦାସୀ ପରିଡା, ଦେବେନ୍ଦ୍ର ମହାନ୍ତ, ତ୍ରିଲୋଚନ ମହାନ୍ତ, ସତ୍ୟବ୍ରତ ନାୟକ, ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ କର୍ମଶାଳା

କେନ୍ଦୁଝର(ପିଏନ) : ହାଟଡିହି ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ମୁଗୁପୁରୁରେ ବ୍ଲକ ସ୍ତରୀୟ ବିଜ୍ଞାନ , ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆନୁଷ୍ଠାନିକ ଭାବେ ଆୟୋଜିତ ସଭାରେ ବିଇଓ କ୍ଷିରୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁରଥ କୁମାର ସାହୁ, ମୁଖ୍ୟ ବକ୍ତା ବିନୋଦ କୁମାର ରାଉତ, ଅତିଥି ସରପଂଚ ଜାନକୀ ଓଝା, ସମିତିସଭ୍ୟ ବିଜୟଲକ୍ଷ୍ମୀ ପାତ୍ର, କମିଟି ସଭାପତି ଅଜୟ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁକୁଳରାଣୀ ପ୍ରଧାନ, ସିଆରସିସି ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଏଥିରେ ୩୯ଟି ହାଇସ୍କୁଲର ୫୫ଟି ପ୍ରକଳ୍ପ କରାଯାଇଥିବା ବେଳେ ୨ୟରୁ ୮ମ ୬୨ ବିଦ୍ୟାଳୟରେ ୬୨ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିଲା । ଏଥିରେ ଜର୍ଜ ଭାବେ ଗୋପିନାଥ ଦାସ, ଶତ୍ରୁଘନ ସାହୁ, ଜୟକୃଷ୍ଣ ମିଶ୍ର, ବିଦ୍ୟାଧର ସାହୁ, ପ୍ରମୁଖ ରହି ଷ୍ଟଲ୍ ଗୁଡିକର ମାନ ନିରୁପଣ କରିଥିଲେ ।ଏହି ମେଳାରେ ସିନିୟର ବିଭାଗର ଅତିଶ କୁମାର ସାହୁ ମୁଗୁପୁରୁ ହାଇସ୍କୁଲ ମୁଗୁପୁରୁର ଛାତ୍ର ଆଧଉନିକ କୃଷି ପ୍ରଣାଳୀ କରି ପ୍ରଥମ ସ୍ଥାନ ଅଧିକାର କରିଛି । ସେହିପରି ଜିସି ଗାର୍ଲସ ହାଇସ୍କୁଲ ଓରାଳିର ଛାତ୍ରୀ ସସ୍ମିତା ନାୟକ ଗଣିତ, ମ୍ୟାଜିକ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ବାଲିବରେଇ ହାଇସ୍କୁଲର ଜୟବୀର ସୁତାର ମଙ୍ଗଳଗ୍ରହ ପ୍ରକଳ୍ପ କରି ତୃତୀୟ ସ୍ଥାନ ଅଧିକାର କରିଛି । ସ୍ୱପ୍ନେଶ୍ୱର ହାଇସ୍କୁଲ ସୁଲଣର ଛାତ୍ର ସ୍ୱସ୍ତିକ ମଲ୍ଲିକ ଶିଳ୍ପ ପ୍ରକଳ୍ପ କରି ଚତୁର୍ଥ ସ୍ଥାନ, ମୁଗୁପୁର ହାଇସ୍କୁଲ ମୁଗୁପୁରୁର ଛାତ୍ର ରାଜେଶ କୁମାର ସାହୁ ରାସ୍ତାର ପ୍ରକଳ୍ପ କରି ୫ମ ସ୍ଥାନ ଅଧିକାର କରିଛି । ବାଙ୍ଗୋର ଗାର୍ଲସ ହାଇସ୍କୁଲର ଛାତ୍ରୀ ଶମର୍ପିତା ଶୁଭଦର୍ଶିନୀ ମହାରଣା କମ୍ପୋଷ୍ଟରେ ଗ୍ୟାସ ସୃଷ୍ଟି କରିବା ପ୍ରକଳ୍ପ କରି ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଜୁନିୟର ବିଭାଗର ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଉପାସନା ସୁନ୍ଦରାୟ ୱାରଲ୍ଡ ଆଣ୍ଡ ଡ୍ରୋନ ପ୍ରକଳ୍ପ କରି ପ୍ରଥମ ସ୍ଥାନ ଅଧିକାର କରିଛି । ସରକାରୀ ବାଳିକା ହାଇସ୍କୁଲ ସୋସୋର ଶୁଭଶ୍ରୀ ପ୍ରଧାନ ଅଟୋମେଟିକ ଫାୟାର ଆଲାରାମ ପ୍ରକଳ୍ପ କରି ୨ୟ ସ୍ଥାନ ଅଧିକାର କରିଛି । ସରକାରୀ ନୋଡ଼ାଲ ବିଦ୍ୟାଳୟ ପଡ଼ିଆରୀପଲୀର ନିଲେଶ କୁମାର ବେହେରା ଲାଇ-ଫାଇ-ହେଲଦି ନେଟୱାର୍କ ପ୍ରକଳ୍ପକୁ ନେଇ ୩ୟ ସ୍ଥାନ ଅଧିକାର କରିଛି । ବିଦ୍ୟାଧର ସରକାରୀ ଉପ୍ରା ବିଦ୍ୟାଳୟ ସଡ଼ଙ୍ଗର ଛାତ୍ରୀ ଚିତ୍ରେଶ୍ୱରୀ ବେହେରା ସୋଲାର ଇରିଗେସନ ପ୍ରକଳ୍ପ କରି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ଉଦଯାପନି ଅବସରରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାଗୀରଥୀ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ଓଝା, ପ୍ୟାରିମୋହନ ମଲ୍ଲିକ, ରାମଚନ୍ଦ୍ର ଶତପଥୀ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ନରେନ୍ଦ୍ର ପ୍ରସାଦ ବେହେରା, ଭଗବାନ ନାୟକ, ମୃତ୍ୟୁଞ୍ଜୟ ପଲେଇ, ଅନିରୁଦ୍ଧ ସେଠୀ, ଶିଶିର କୁମାର ବିଶ୍ୱାଳ, ଅକ୍ଷୟ କୁମାର ରାଉତ, ପ୍ରେମାନନ୍ଦ ପରିଡ଼ା, ପ୍ରିତିଲତା ସେଠୀ ସହଯୋଗ କରିଥିଲେ। ମୁଗୁପୁର ହଇସ୍କୁଲର ସହକାରୀ ଶିକ୍ଷକ ବିଜୟ କୁମାର ଷେଣ୍ଡ, ବିଭୁସ୍ମିତା ମିଶ୍ର, ଶଶୀରେଖା ଦାସ, ପରିକ୍ଷିତ ସେଠୀ, ନରହରି ଜେନା, ଦିପ୍ତିମୟୀ ସେଠୀ, କେଶବ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ କୁମାର ସାହୁ, ରଜନୀ ବାରିକ, ପଦ୍ମାବତୀ ଜେନା, ସୁରେନ୍ଦ୍ର କୁମାର ବେହେରା, ଶିବ ସୁନ୍ଦର ସାହୁ, ଛବିରାଣୀ ଜେନା, ସସ୍ମିତା ସାହୁ, ସରୋଜ କୁମାର ନାୟକ, ବିଶ୍ୱନାଥ ନାୟକ, ବେଣୁଧର ନାୟକ, ପ୍ରିୟଦର୍ଶିନୀ ସାହୁ ସମେତ ସମସ୍ତ ସିଆରସିସି ଉପସ୍ଥିତ ରହିଥିଲେ।

## ଆନନ୍ଦପୁର ବିଏନ୍ ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର(ପିଏନ) : ଆନନ୍ଦପୁର ଉପଖଣ୍ଡର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ୧ତାରିଖ ରବିବାର ଦିନ ବିଦ୍ୟାଳୟ ସଭାଗୃହ ଠାରେ ପ୍ଲାଟିନମ୍ ଜୁବୁଲି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ପୁରାତନ ଛାତ୍ର ତଥା ଜୁବୁଲି କମିଟିର ଅଧକ୍ଷ ଇଂ ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ତଥା ପ୍ଲାଟିନମ୍ ଜୁବୁଲିର ଚିପ୍ ପାର୍ଟନ ନିରଂଜନ ପଟ୍ଟନାୟକ, ଆନନ୍ଦପୁର ବିଧାୟକ ଶ୍ରୀଯୁକ୍ତ ଭାଗିରଥି ସେଠୀ, ସମ୍ପାଦକ ଶ୍ରୀଯୁକ୍ତ ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ଲାଟିନମ୍ ଜୁବୁଲି ୨୦୨୦ ଜାନୁୟାରୀ ୩୧ତାରିଖରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ବେଳେ ପ୍ଲାଟିନମ୍ ଜୁବୁଲି ପାଇଁ ଅର୍ଥ ସଂଗ୍ରହ ନେଇ ବିଭିନ୍ନ ବ୍ୟାଚ୍‌ର ପୁରାତନ ଛାତ୍ର ମାନଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ସ୍ମରଣୀକା ପାଇଁ ଲେଖା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟାଳୟ ମରାମତି ନେଇ ଆଲୋଚନା କରାଯାଇଥିବା ବେଳେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମାନ୍ୟବର ରାଜ୍ୟପାଳ ଗଣେସି ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ସହ କେନ୍ଦୁଝର ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ ନିଷ୍ପତି ହୋଇଛି । ବିଶେଷ କରି ବିଦ୍ୟାଳୟର ପାଠପଢା, କମ୍ ଛାତ୍ର ସଂଖ୍ୟା, ପ୍ରଧାନଶିକ୍ଷକ, ଶିକ୍ଷକ, କର୍ମଚାରୀ ନିଯୁକ୍ତି ନେଇ ଆଲୋଚନା ହେବା ସହ ଏହାର ପ୍ରତିକାର ପାଇଁ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତି ହୋଇଥିଲା । ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଶିକ୍ଷକଙ୍କ ବିରୋଧରେ ମଧ ଆଲୋଚନା ହୋଇଥିଲା । ସମସ୍ତେ ମିଳିମିଶି ପ୍ଲାଟିନମ୍ ଜୁବୁଲିକୁ କିପରି ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଚିପ୍ ପାର୍ଟନ ଶ୍ରୀଯୁକ୍ତ ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ । ଏହି ବୈଠକରେ ପୁରାତନ ଛାତ୍ର ସାରଙ୍ଗଧର ଷେଣ୍ଢ, ନାରାୟଣ ସା, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁର୍ଗାଚରଣ ଦଳେଇ, ଅଶୋକ ମହାନ୍ତି, ଅଶ୍ରୁମୋଚନ ମହାନ୍ତି, ଗଗନ ବିହାରୀ ଭଟାଚାର୍ଯ୍ୟ, ଶିବ ଚରଣ ମିଶ୍ର, ନିରାକାର ଦଳେଇ, ବାସୁଦେବ ମହାପାତ୍ର, ନାରାୟଣ ମିଶ୍ର, ରମାକାନ୍ତ ନାୟକ, ଉମାକାନ୍ତ ନାୟକ, ସୁଜିତ କୁମାର ପାତ୍ର, ବିଶ୍ୱନାଥ ସାହୁ, ସୁରେନ୍ଦ୍ର ଦଳେଇ, ଶ୍ରୀଧର ଦଳେଇ, ରବିନ୍ଦ୍ର କୁମାର ଶା, ଦେବରଞ୍ଜନ ସାହୁ, କୀର୍ତନ ସାହୁ, ବିନୋଦ ମିଶ୍ର, ଦିଲ୍ଲିପ ସିଂହ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ



କେନ୍ଦୁଝର(ପିଏନ): ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୨୨ରୁ ଉର୍ଦ୍ଧ୍ୱ ଷ୍ଟଲ ପଡିଥିବା ବେଳେ ସେଥିରେ ଖାଦ୍ୟ, ଗ୍ରୋସରୀ, ପନିପରିବା ସହିତ ବିଭିନ୍ନ ପ୍ରକାର ପୁସ୍ତକ, ବନଔଷଧି, ଖେଳ ଉପକରଣ ଆଦି ରହିଥିଲା । ଉକ୍ତ କର୍ମଶାଳାକୁ ପବ୍ଲିକ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ତଥା ସମାଜସେବୀ ଶ୍ରୀଯୁକ୍ତ ଅଶୋକ ପୁହାଣ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ବୃଦ୍ଧି କରିବା ପାଇଁ ସ୍କୁଲ ତରଫରୁ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଶ୍ରୀଯୁକ୍ତ ପୁହାଣ ମହୋଦୟ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ କିଛି ନୂତନ ଶିକ୍ଷା ଗ୍ରହଣ କରିବା ସହ ଅଭିଭାବକମାନେ ଏହି ହାଟରୁ ନିଜ ନିଜ ପସନ୍ଦର ଜିନିଷମାନ କିଣିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଗ୍ରୁପ୍‌ରେ ନିଜ ନିଜ ଭିତରେ ଷ୍ଟଲ ଗୁଡିକ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରିନ୍‌ସପାଲ ଦିଲ୍ଲିପ କୁମାର ମିଶ୍ର, ଶିକ୍ଷକ ଅନୋଜ କୁମାର ଜେନା, ସାଗର ଜେନା, ଜେଏନ୍‌ଏସ୍ ସଭାପତି ତଥା ଶିକ୍ଷୟତ୍ରୀ ଲିପିସ୍ମିତା ଚକ୍ର, ମଞ୍ଜୁଶ୍ରୀ ସୁତାର, ସରୋଜା ସତ୍ୟଜିତା, ମୋନାଲିସା ପଣ୍ଡା, ବିଦ୍ୟାଳୟର ଅନ୍ୟାନ୍ୟ ସହଯୋଗି ବସନ୍ତ କୁମାର ସାହା, ଲଳିତ ରାଉତ, ସୁବାଷ ବେହେରା, ସୁରକ୍ଷା ଦାୟୀତ୍ୱରେ ଥିବା ଅରୁ ମିଶ୍ର, ପ୍ରଦୀବ ନାୟକ, ଦାଶରଥି ନାୟକ, ଗାଡି ଚାଳକ ଓ ହେଲପରମାନେ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

କୋଣାର୍କ ଉତ୍ସବ ର ତୃତୀୟ ସଂଧ୍ୟା

# ଓଡିଶୀରେ ତ୍ରିବେଣୀ ଓ ମୋହିନୀ ଆଟ୍ଟମ ରେ ଜୀବନଉଚ୍ଛ୍ୱାସ ମନ ମୋହିଲା




ଭୁବନେଶ୍ୱର,(ପିଏନ) : ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟମନ୍ଦିର ପାଦଦେଶରେ ଓଡିଶା ପର୍ଯ୍ୟଟନ ବିଭାଗ ଆୟୋଜିତ କୋଣାର୍କ ଉତ୍ସବର ତୃତୀୟ ସଂଧ୍ୟା ପୁରାଣ ପ୍ରସଙ୍ଗ ଓ ଜୀବନ ଦର୍ଶନକୁ ଶାସ୍ତ୍ରୀୟ ନୃତ୍ୟରେ ପ୍ରକ୍ଷାପିତ କରିଥିଲା । ସୁଦୃଶ୍ୟ ଆଲୋକର ସାଜସଜ୍ଜା ଓ ଭରପୁର ଦର୍ଶକ ଗ୍ୟାଲେରୀ ମଧ୍ୟସ୍ଥ ମୁକ୍ତାକାଶ ମଂଚରୁ ଓଡିଶୀ ଏବଂ ମୋହିନୀ ଆଟ୍ଟମ୍‌ର ନୃତ୍ୟାୟିତ ଛନ୍ଦ ସହ ନୂପୁରର ଝଙ୍କାର ଝରି ଆସିଥିଲା । ଗୁରୁ ସ୍ୱପ୍ନାରାଣୀ ସିହ୍ନା ଓ ନୃତ୍ୟନିଳୟ ଅନୁଷ୍ଠାନର ଶିଳ୍ପୀଗଣ ମଂଚ ପ୍ରବେଶ କରିଥିଲେ ବେଦର ଅଗ୍ନିସୁକ୍ତ ଆଧାରିତ ଅଗ୍ନିସ୍ତୁତି କୁ ନେଇ । ପରେ ପରେ ନୃତ୍ୟ ନାଟିକା ତ୍ରିବେଣୀ ସଂଗମ ପବିତ୍ର ଗଙ୍ଗା, ଯମୁନା, ସରସ୍ୱତୀ ନଦୀର ମହିମା ସହ ଆଧ୍ୟାତ୍ମିକ ପୃଷ୍ଠଭୂମି ସମ୍ବଳିତ ଧର୍ମୀୟ ବିଶ୍ୱାସର ଭାବଧାରାକୁ ଟୋଳି ଧରିଥିଲେ । ଗୁରୁ ରାମହରି ଦାସଙ୍କ ରଚନା ଓ ସଂଗୀତ ସଂଯୋଜନାକୁ ନେଇ ପ୍ରସ୍ତୁତ ତ୍ରିବେଣୀ ସଂଗମରେ ଗୀତ-ବାଦ୍ୟ ଓ ନୃତ୍ୟର ସଂଗମ ମଧ ପରିଲିକ୍ଷିତ ହୋଇଥିଲା । ଦ୍ୱିତୀୟ ଚରଣରେ ମୋହିନୀ ଆଟ୍ଟମ୍ ର ସୁପ୍ରସିଦ୍ଧ ଗୁରୁ ଜୟପ୍ରଭା ମେନନ୍ ଓ ସାଥୀ ଶିଳ୍ପୀ ଶ୍ରୀଜୟଦେବ କୃତ ଗୀତ ଗୋବିନ୍ଦମର ଚର୍ଚ୍ଚିତ ଅଷ୍ଟପଦୀ ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ର ଉପସ୍ଥାପନା କରିଥିଲେ । ଗୁରୁ ମେନନ୍ ଙ୍କ ଦ୍ୱିତୀୟ ଅର୍ଘ୍ୟରେ ଜୀବନର ଉଚ୍ଛ୍ୱାସ ଅତି ନିଖୁଣ ଭାବେ ମଚଂସ୍ଥ ହୋଇଥିଲା । ପ୍ରକୃତି ଓ ପୁରୁଷ ର ମିଳନ ରୁ ସଂଜାତି ସୃଷ୍ଟି ଜୀବନର ଆନନ୍ଦ ତତ୍ତ୍ୱକୁ ପ୍ରକାଶ କରି ଆସିଛି ଓ ଏହି ଉପଲବ୍ଧି ହିଁ ଜୀବନ ଜିଜ୍ଞାସାର ମୂଳତତ୍ତ୍ୱ ଯାହା ଶାସ୍ତ୍ରୀୟ ନୃତ୍ୟରେ ପ୍ରତିଭାତ ହୋଇଥିଲା । ମୋହିନୀ ଆଟ୍ଟମର ଅନ୍ତିମ ପ୍ରସ୍ତୁତିରେ ଜୀବ, ମୋକ୍ଷ ଓ ଉପସଂହାରର ଆବେଗକୁ ପ୍ରକାଶ କରିଥିଲା । ସଂଧ୍ୟାର ଅତିଥି ଭାବେ ପ୍ରିନ୍ସିପାଲ ଏ. ଜି. ଯଶୋଧାରା ରାୟ ଚୌଧୁରୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ୍, ସଂଗୀତ ନାଟକ ଏକାଡେମୀ ସଚିବ ଡ. ବିଜୟ କୁମାର ଜେନା, ଓଡିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ଡ.ସଂଗୀତା ଗୋସାଇଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ସାଧନା ଶ୍ରୀବାସ୍ତବ, ମଂଚ ସଂଚାଳନା କରିଥିବା ବେଳେ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଉତ୍ପଳ କୁମାର ପତି, ଡ. ରତିକାନ୍ତ ପଟ୍ଟନାୟକ, ବିଜୟ କୁମାର ଜେନା, ସରୋଜ କାନ୍ତ ପ୍ରଧାନ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ଏବଂ ଗଣ ମାଧମକୁ ତଥ୍ୟ ଯୋଗାଇବାରେ ସହଯୋଗ କରିଥିଲେ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ବିଷ୍ଣୁ ପ୍ରସାଦ ସିଂହ ।

## ଶୋଇଥିଲା ବେଳେ ଲାଗିଗଲା ନିଆଁ, ଜଣେ ଜୀବନ୍ତ ଦଗ୍ଧ

ବାଲେଶ୍ୱର(ପିଏନ)-ଭୟାବହ ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଛନ୍ତି । ଘଟଣାଟି ଘଟିଛି ସଦର ଥାନା ଅନ୍ତର୍ଗତ ସୁନ୍ଦରୀ ଗ୍ରାମରେ । ସୂଚନା ଅନୁଯାୟୀ ସୁନ୍ଦରୀ ଅଞ୍ଚଳର କୁଶ ଭାରତୀ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା । ଘର ଭିତରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘର ଭିତରକୁ ପଶି କୁଶଙ୍କ ସ୍ତ୍ରୀକୁ ଉଦ୍ଧାର କରିଥିଲେ । ମାତ୍ର କୁଶ ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ଓ ପୁଲିସବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । କୁଶଙ୍କ ସ୍ତ୍ରୀ ସତ୍ୟବତ ଭାରତୀଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ଉକ୍ତ ଚିକିତ୍ସାଳୟକୁ କୁଶଙ୍କ ମୃତ ଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ତେବେ ସଟ୍‌ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା ବେଳେ କୁଶଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି ।

## ବାପା ସହ ବଚସା, ରାଗରେ ୬ଟି ବାଇକ ପୋଡିଲା ପୁଅ

ବାଲେଶ୍ୱର(ପିଏନ)-ବାପା ଓ ପୁଅର ଯୁକ୍ତିତର୍କରେ ପୁଅର ଉନ୍ମତ୍ତ କାଣ୍ଡ । ନିଶାସକ୍ତ ଅବସ୍ଥାରେ ୬ଟି ବାଇକକୁ ଜାଳିଦେଲା ପୁଅ । ଘଟଣାଟି ଘଟିଛି କରଞ୍ଜିଆ ଭୋଇସାହିରେ । ସୂଚନାଯୋଗ୍ୟ ଯେ, ଭୋଇସାହିରେ ଏକ ଭଡାଘରେ ରହୁଥିବା ସଞ୍ଜୟ କୁମାର ମହାନ୍ତି ନିଜ ଝିଅ ବାହାଘର ପାଇଁ ନୀଳଗିରିରେ ବ୍ୟସ୍ତ ଥିଲା ବେଳେ ପୁଅ ସୌରଭ ମଦ୍ୟପାନ କରି ଉତ୍ପାତ କରିଥିଲା । ଏନେଇ ଉଭୟ ବାପ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିବା ସହ କଥା କଟାକଟି ହୋଇଥିଲା । ପରେ ସୌରଭ ନିଶାସକ୍ତ ଅବସ୍ଥାରେ କଲୋନୀରେ ଥିବା ୬ଟି ବାଇକରେ ନିଆଁ ଲଗାଇ ପୋଡି ଦେଇଥିଲା । ନିଆଁ ଲଗାଇବା ପରେ ବାପାଙ୍କୁ ଫୋନ୍ କରି ଏ ସମ୍ପର୍କରେ କହିଥିଲା ସୌରଭ । କଲୋନୀର ଲୋକମାନେ ଏ ନେଇ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା ବେଳେ ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଛି ।

## ହାଇଦ୍ରାବାଦ ପୀଡିତାଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ବାଲେଶ୍ୱର(ପିଏନ)-: ବହୁ ଚର୍ଚ୍ଚିତ ପ୍ରାଣିଧନ ଚିକିତ୍ସକଙ୍କୁ ଗଣଦୁଷ୍କର୍ମ କରି ଜିଅନ୍ତା ପୋଡି ମାରିଦେବା ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏ ନେଇ ବାଲେଶ୍ୱର ଜିଲ୍ଲାରେ ପ୍ରତିବାଦ ସ୍ୱରୂପ ମହମବତୀ ଶୋଭାଯାତ୍ରା କରାଯାଇଛି । ଏକ ଘୋରଇ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଅପରାଧୀଙ୍କୁ କଠୋର ଦଣ୍ଡ ଦାବି କରିବା ସହ ପୀଡିତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସହରର ଫାଣ୍ଡି ଛକରୁ ଏକ ମହମବତୀ ଶୋଭାଯାତ୍ରାରୁ ବାହାରି ଛାତ୍ରଛାତ୍ରୀ ସହର ପରିକ୍ରମା କରିଥିଲା ।

## ଜାତୀୟ ଏଡ୍‌ସ ଦିବସ ପାଳିତ



କେନ୍ଦୁଝର,(ପିଏନ)- ଆନନ୍ଦପୁର କଲେଜର ଏନ୍‌ସିସି ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜାତୀୟ ଏଡ୍‌ସ ଦିବସରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର କଲେଜ ତରଫରୁ ଏଡ୍‌ସ ହଟାଅ ଜୀବନ ବଂଚାଅ କାର୍ଯ୍ୟକ୍ରମ ମାଧ୍ୟମରେ ଆନନ୍ଦପୁର କଲେଜ ଠାରୁ କଚେରୀ ପର୍ଯ୍ୟନ୍ତ ଚାଲି ଚାଲି ଆନନ୍ଦପୁରବାସୀଙ୍କୁ ସଚେତନ କରିଥିଲେ । ଏହି ସଚେତନ ରାଲିକୁ ଆନନ୍ଦପୁର କଲେଜର ଅଧ୍ୟାପକ ଦିଲ୍ଲିପ ଦାସଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକ ଏବଂ ଛାତ୍ରଛାତ୍ରୀ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



ବାଲେଶ୍ୱର(ପିଏନ)- ଆଜି ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଭରି ରହିଥିବା ପ୍ରତିଭା ଓ ଦକ୍ଷତା ଚିହ୍ନି ବିନା ପାତର ଅନ୍ତର କରି ଉପଯୁକ୍ତ ମଂଚ ଯୋଗାଇ ଦେଲେ ସେମାନେ ରାଷ୍ଟ୍ର ଗଠନରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରିବେ ବୋଲି କହିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସାବତ ଏଥିରେ ଅଧ୍ୟକ୍ଷତା କରି ପରିସଂଖ୍ୟାନ ଅନୁଯାୟୀ ଜିଲ୍ଲାରେ ଭିନ୍ନକ୍ଷମଙ୍କ ସଂଖ୍ୟା ୭୦,୭୩୬ ଥିବା ବେଳେ ଏଯାବତ୍ ୩୭,୮୮୦ଜଣଙ୍କର ସର୍ବଭାରତୀୟ ପରିଚୟ ପତ୍ର ପାଇଁ ପଞ୍ଜୀକୃତ ହୋଇସାରିଥିବା ସୂଚନା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୧,୫୫୫ ଜଣଙ୍କର ପ୍ରମାଣପତ୍ର ସୃଷ୍ଟି ହୋଇସାରିଛି । ତେବେ ୧୦ହଜାର ଆବେଦନ ସ୍ଥଗିତ ରହିଛି । ସେହିପରି ମଧୁବାବୁ ପେନସନ୍ ଯୋଜନାରେ ୧୯,୧୫୪ଜଣଙ୍କୁ ସରକାରୀ ଭତା ପ୍ରଦାନ କରାଯାଉଛି ଏବଂ ୪୦୯୩ ଜଣଙ୍କୁ ବସ ପାସ୍ ପ୍ରଦାନ କରାଯାଇଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପ୍ରମୋଦ କୁମାର ଷଡଙ୍ଗୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିକାଶ ଚନ୍ଦ୍ର ଚୌଧୁରୀ, ସ୍ୱେଚ୍ଛାସେବୀ ଶ୍ରୀ ଗୋପାଳ କର ପ୍ରମୁଖ ଆଜିର ଦିବସ ସଂପର୍କରେ କହିଥିବା ବେଳେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଭିନ୍ନକ୍ଷମମାନେ ଭୋଗୁଥିବା କେତେକ ସମସ୍ୟା ଉପସ୍ଥାପନ କରି ଏଗୁଡିକୁ ସମାଧାନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ସେହିପରି ଜଣେ ଦୃଷ୍ଟିବାଧିତ ଶିକ୍ଷକ ଶ୍ରୀ ଅଭିରାମ ସାବତ ତାଙ୍କର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ପରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟେରେ ଚିତ୍ରାଙ୍କନ ଏବଂ ପେଟିଂଗ, ତର୍କ, ଏକାଙ୍କିକା ପ୍ରତିଯୋଗିତାମାନ ଆୟୋଜନ କରାଯାଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ତା ଛଡା ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ



ବାଙ୍କୀ,(ପିଏନ)- ବାଙ୍କୀ ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ଶିକ୍ଷକମାନଙ୍କୁ ତାଙ୍କର ନାର୍ଯ୍ୟ ଦାବୀ ଓ ଅଭାବ ଅସୁବିଧାକୁ ଉପସ୍ଥାପନ କରିବା ପାଇଁ ଉତ୍ତର ବାଙ୍କୀ ସହଙ୍ଗା ଗୋପାଳପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଭ୍ରାମ୍ୟମାଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶିବ ନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଂଘର ସଂପାଦକ ସରୋଜ କୁମାର ସାହୁ ଶିକ୍ଷକମାନଙ୍କର ଏସ୍.ସି.ପି , ଟି.ବି.ଏ ବ୍ଲକ ଶିକ୍ଷାଅଧିକାରୀ ବାଙ୍କୀ ଓ ବାଙ୍କୀ ଡମପଡ଼ାଙ୍କ କାର୍ଯ୍ୟାଳୟରେ ବହୁଦିନ ଧରି ପଡିରହିଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଇନାହିଁ । କେତେକ ଶିକ୍ଷକଙ୍କର ଉକ୍ତ କାର୍ଯ୍ୟକାରିବା ପାଇଁ କଣ୍ଟ୍ରୋଲସ୍ ଅଫ ଆକାଉଣ୍ଟ୍ ଅଫ ଓଡ଼ିଶା ଭୁବନେଶ୍ୱରଙ୍କୁ ପଠାଇଥିଲେ ମଧ ସେଠାରେ ପଡି ରହିବା ଫଳରେ ଶିକ୍ଷକମାନଙ୍କର ପେନସନ୍ ସଂଶୋଧନ ହୋଇପାରୁ ନାହିଁ । ସରକାରଙ୍କର ୫-ଟି କାର୍ଯ୍ୟରେ ସ୍ୱଚ୍ଛତା ଥିଲାଭଳି ମନେ ହେଉନଥିବା ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ ନିମନ୍ତେ ସଂଘ ତରଫରୁ ଦାବୀ ହେଉଛି । ଶିକ୍ଷମାନଙ୍କୁ ଚିକିତ୍ସା ଭତ୍ତା ଦେବା ପାଇଁ ବୈଠକରେ ଦାବୀ ଉପସ୍ଥାପନ କରାଯାଇଥିଲା । ଉକ୍ତ ବୈଠକରେ ସଂଘର ସହ ସଂପାଦକ ଭୃଗୁରାମ ରାଉତ, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ , ସଭ୍ୟ ବନବିହାରୀ ନାଥ, ଅକ୍ଷୟ କୁମାର ଜେନା , ପ୍ରମୋଦ ଖଟୁଆ ,ଭିକାରୀ ସାହୁ, କାଶୀନାଥ ରାଉତ, ଋଷି କୁମାର ରଣା, ଦାମୋଦର ମହାରଣା, ପ୍ରଭାକର ରାଉତ, ହାଡିବନ୍ଧୁ ସେନାପତି, ସଦାନନ୍ଦ ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ପରବର୍ତ୍ତୀ ଭ୍ରାମ୍ୟମାଣ ସଭା ଆସନ୍ତା ତା.୦୮.୧୨.୧୯ରିଖରେ ପଶ୍ଚିମ ବାଙ୍କୀ ପଥୁରୀପଡା ଶିଶୁ ମନ୍ଦିର ଠାରେ ହେବା ପାଇଁ ବୈଠକରେ ସ୍ଥିର କରାଯାଇଛି ।

## ଧଗୋଠ ଗ୍ରାମରେ କୁମ୍ଭକାରଙ୍କ କୁରାଳ ପଂଚମୀ ମହୋତ୍ସବ ପାଳିତ

କେନ୍ଦୁଝର(ପିଏନ) : ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜାମୁଯୋଡି ଗ୍ରାମ ପଂଚାୟତର ଧଗୋଠ ଗ୍ରାମ ବେହେରା ସାହିରେ କୁମ୍ଭକାର ସଂପ୍ରଦାୟର କୁରାଳ ପଂଚମୀ ମହୋତ୍ସବ ମହା ସମାରୋହରେ ପାଳିତ ହେବା ସଙ୍ଗେ ସଙ୍ଗେ ଏହା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ । କୁରାଳ ପଂଚମୀ ମହୋତ୍ସବ ଆରମ୍ଭରେ ଚକ୍ର ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କେନ୍ଦୁଝର ଜିଲ୍ଲା ସ୍ଥିତ ଭାଗବତ ପ୍ରଚାର ଓ ପ୍ରସାର ସମିତିର ଉପ-ସଭାପତି ପଣ୍ଡିତ ଶ୍ରୀ ମନୋଜ କୁମାର ଦାସ ମହୋଦୟ କୁରାଳ ପଂଚମୀ ମହୋତ୍ସବରେ ଯୋଗ ଦେଇ ଭାଗବତ ପ୍ରଚାର ଓ ପ୍ରସାର ସହିତ କୁମ୍ଭାରଙ୍କ କୁରାଳ ପୁରାଣ ଏବଂ ଶ୍ରୀମଦ୍ ଭାଗବତ ଗୀତା ଉପରେ ଆଲୋଚନା କରି ଉପସ୍ଥିତ ଗ୍ରାମବାସୀଙ୍କୁ ସତ୍‌ପଥରେ ଚାଲିବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ । ଉକ୍ତ ମହୋତ୍ସବରେ ହରିଚନ୍ଦନପୁର କୁରାଳ ସମାଜର ସଭାପତି ପ୍ରେମାନନ୍ଦ ବେହେରା, ଗ୍ରାମବାସୀ ଧନେଶ୍ୱର ବେହେରା, ରଣଜିତ ବେହେରା, ପରିକ୍ଷିତ ବେହେରା, ଗୌରାଙ୍ଗ ମହାନ୍ତ, ପିତାମ୍ବର ବେହେରା, ଧ୍ରୁବ ଚରଣ ବେହେରା, ସନ୍ତୋଷ କୁମାର ବେହେରା, ମୂରଲୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଧଗୋଠ ଭାଗବତ ଟୁଙ୍ଗିର ପ୍ରଚାର ପ୍ରସାର ସଭାପତି ରବିନ୍ଦ୍ର ବେହେରା, ସମ୍ପାଦକ ଯଦୁମଣି ବେହେରା, ମହିଳା ସଭ୍ୟ ରୀନାରାଣୀ ବେହେରା, ସଙ୍ଗୀତା ବେହେରା, ରାଣୀକା ବେହେରା, ସାଇବାଣୀ ବେହେରା, ସଞ୍ଜୁଲତା ବେହେରା ପ୍ରମୁଖ ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।






# ରେଡ୍ ବୁଲ୍ ଲୋକାଲ ହିରୋ ଟୁର୍ ବିଏମ୍ଏକ୍ସ



ଭୁବନେଶ୍ୱର: ରେଡ୍ ବୁଲ୍ ଆଥଲେଟ୍ ଓ ବିଏମ୍ଏକ୍ସ ପାର୍କ କିମ୍ବଦନ୍ତୀ ଡାନିଏଲ୍ ଢ଼େରସ୍‌ଙ୍କୁ ଆଜି ଓଡ଼ିଶାର ଭୁବନେଶ୍ୱରରେ ଥିବା କିଟ୍ କଲେଜ୍‌ରେ ଆକର୍ଷୀୟ ଓ ଚିତାକର୍ଷକ ଷ୍ଟଂଟ୍ (ଦୁଃସାହସିକ କଳା) ପ୍ରଦର୍ଶନ କରିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ସେ ଉପସ୍ଥିତ ଭିଡ଼ ସହ ଭାବ ବିନିମୟ କରିଥିଲେ। ଦୁଃସାହସିକ ବାଇକ ଚାଳନା ପ୍ରେମୀଙ୍କୁ ସେ ଷ୍ଟଂଟ୍ ବାଇକ୍ ଚାଳନାକୁ ନେଇ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ବିଏମ୍ଏକ୍ସ ପାର୍କ କିମ୍ବଦନ୍ତୀ ନଭେମ୍ବର ୧୬ରେ ଭେନେଜୁଏଲାରୁ ଭାରତ ଭ୍ରମଣରେ ଆସି ଗୌହାଟିରେ ହେବାକୁ ଥିବା ରେଡ୍ ବୁଲ୍ ଲୋକାଲ୍ ହିରୋ ଟୁର୍‌ରେ ଯୋଗଦେବେ। ପାଂଚ ଥର ୱାର୍ଲଡ ଏକ୍ସ ଗେମ୍ ଚାମ୍ପିଆନ୍ ମଧ୍ୟ ଇାଲ୍‌ରେ ନଭେମ୍ବର ୨୪ରେ ହେବାକୁ ଥିବା ଏକ୍ସ-ଜାମ୍ ବିଚାରକ ଭାବେ ଯୋଗ ଦେବେ। ରେଡ୍ ବୁଲ୍ ଲୋକାଲ୍ ହିରୋ ଟୁର୍ଣ୍ଣାମେଂଟ୍ ଜରିଆରେ ଡାନିଏଲ୍ ଢ଼େରସ୍ ପରବର୍ତି ପିଢ଼ିର ଉତ୍ସାହୀମାନଙ୍କ ପାଖରେ ପହଂଚିବାକୁ ଲକ୍ଷ୍ୟ ରଖିଛନ୍ତି। ସାରା ବିଶ୍ୱରେ ଏହି କ୍ରୀଡ଼ାର ପ୍ରସାର ଲାଗି ଆମ୍ବାସାଡର ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ସେ ଗୁରୁତ୍ୱ ଦେଉଛନ୍ତି। କ୍ରୀଡା, ପର୍ଯ୍ୟଟନ ଓ ଯୁବ ବ୍ୟାପାର ସଚିବ ଶ୍ରୀଯୁକ୍ତ ବିଶାଲ ଦେବ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ। ଡାନିଏଲ୍ ଢ଼େରସ୍ ହେଉଛନ୍ତି ଭେନେଜୁଏଲାର ଜଣେ ରେଡ୍ ବୁଲ୍ କ୍ରୀଡ଼ାବିତ୍ ଓ ବିଏମ୍ଏକ୍ସ ପାର୍କ କିମ୍ବଦନ୍ତୀ। ୨୦୦୬ଟି ତାଙ୍କ ପାଇଁ ଉଲ୍ଲେଖନୀୟ ବର୍ଷ ଥିଲା। ସେ ଆକ୍ସନ୍ ସ୍ପୋର୍ଟସ୍ ଟୁର୍ ଟାଇଟଲ୍ ଜିତିଥିଲେ। ସେ ଏକ୍ସ ଗେମ୍ ଗୋଲ୍ଡ ମେଡାଲ୍ ଜିତିଛନ୍ତି। ୨୦୧୪ରେ ସେ ଏଫ୍ଆଇଏସ୍ଇ ୱାର୍ଲଡ ସିରିଜ୍ ଚାମ୍ପିଆନ୍ ଜିତିଥିଲେ।

## ଜିଓ ସେପ୍ଟେମ୍ବରରେ ୬୯.୮ ଲକ୍ଷ ନୂଆ ଗ୍ରାହକ ଯୋଗ କରିଥିବାବେଳେ ଭୋଡାଫୋନ୍ ଆଇଡିଆ ଓ ଏୟାରଟେଲ୍ ହରାଇଛନ୍ତି ୪୯ଲକ୍ଷ ଗ୍ରାହକ: ଟ୍ରାଇ

ନୂଆଦିଲ୍ଲୀ/ଭୁବନେଶ୍ୱର: ଚଳିତ ବର୍ଷର ସେପ୍ଟେମ୍ବର ମାସରେ ରିଲାଏନ୍ସ ଜିଓ ଏହାର ନେଟ୍‌ୱର୍କରେ ୬୯.୮୩ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ଭୋଡାଫୋନ୍ ଆଇଡିଆ ଓ ଭାରତୀ ଏୟାରଟେଲ୍ ୪୯ ଲକ୍ଷ ଗ୍ରାହକଙ୍କୁ ହରାଇଛଁ ବୋଲି ଭରୀତୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ତରଫରୁ ଜାରି କରାଯାଇଥିବା ସେପ୍ଟେମ୍ବର ମାସର ମୋବାଇଲ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ୨୦୧୯ ସେପ୍ଟେମ୍ବର ମାସ ସୁଦ୍ଧା ଦେଶର ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୧୧୭.୩୭ କୋଟିକୁ ବୃଦ୍ଧି ପାଇଛି ଯାହା ଗତ ଅଗଷ୍ଟ ମାସ ସୁଦ୍ଧା ୧୧୭.୧ କୋଟି ରହିଥିଲା ବୋଲି ଟ୍ରାଇ ତଥ୍ୟରୁ ଜଣାପଡ଼ିଛି।ପ୍ରକାଶିତ ତଥ୍ୟ ଅନୁଯାୟୀ, ଭାରତୀ ଏୟାରଟେଲ୍ ସେପ୍ଟେମ୍ବର ମାସରେ ୨୩.୮ ଲକ୍ଷ ମୋବାଇଲ୍ ଗ୍ରାହକଙ୍କୁ ହରାଇବା ପରେ ଏହାର ମୋଟ ଗ୍ରାହକ ସଂଖ୍ୟା ୩୨.୫୫ କୋଟିକୁ ଖସି ଆସିଛି।

### ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ ଫାଷ୍ଟଟ୍ୟାଗର କ୍ରୟ ଉପରେ ଆକର୍ଷଣୀୟ ଲାଭ

ଭୁବନେଶ୍ୱର: ନ୍ୟାସନାଲ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ଏବଂ ଇଣ୍ଡିଆନ ହାଇୱେଜ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (ଆଇଏଚଏମସିଏଲ)ର ସହଯୋଗୀତାରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଫାଷ୍ଟଟ୍ୟାଗକୁ ଏହାର ଡିଜିଟାଲ ଏବଂ ରିଟେଲ ଗୁଡ଼ିକରେ ଉପଲବ୍ଧ କରାଇଛି। ପୁରା ଭାରତରେ ଟୋଲ ପ୍ଲାଜା ଗୁଡ଼ିକରେ ଫାଷ୍ଟଟ୍ୟାଗ ଅଟୋମେଟିକ କ୍ୟାସଲେସ ଦେୟକୁ ସମର୍ଥ କରାଇଛି ଯାହାଦ୍ୱାରା ଯାତ୍ରା ସୁଗମ ହେବା ସହ ସମୟ ମଧ ବଞ୍ଚିଥାଏ। ଏୟାରଟେଲ ଥ୍ୟାଙ୍କସ ଆପର ବ୍ୟାଙ୍କ ସେକ୍ସନରେ ଅଳ୍ପ କିଛି କ୍ଲିକ ପରେ ଫାଷ୍ଟଟ୍ୟାଗ ଆପକୁ କ୍ରୟ କରାଯାଇ ପାରିବ। ଏହି ଆପ ଜରିଆରେ ଫାଷ୍ଟଟ୍ୟାଗର କ୍ରୟ କରିବା ଦ୍ୱାରା ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଟ.୫୦ କ୍ୟାସବ୍ୟାକର ବିଶେଷ ଲାଭ ପ୍ରଦାନ କରୁଛି। ଏୟାରଟେଲ ଥ୍ୟାଙ୍କସ ଆପର ଗ୍ରାହକମାନେ ଅନଲାଇନ କ୍ରୟ ଉପରେ ବହୁତ ଜଲଦୀ ଟ.୫୦ କ୍ୟାସବ୍ୟାକର ଅତିରିକ୍ତ ଲାଭ ଉଠାଇପାରିବେ। ଫାଷ୍ଟଟ୍ୟାଗ, ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ବଛା ବଛା ବ୍ୟାଙ୍କିଙ୍ଗ ପଏଣ୍ଟରୁ କ୍ରୟ କରାଯାଇପାରିବ। ଫାଷ୍ଟଟ୍ୟାଗ କ୍ରୟ କରିବା ପାଇଁ ଗ୍ରାହକମାନଙ୍କୁ ଯାନର ପିକରଣ ପ୍ରମାଣପତ୍ର(ଆରସି) ଏବଂ ପିକରଣ ନମ୍ବରର ଗୋଟିଏ ଲେଖାଏଁ କପି ସେୟାର କରିବାକୁ ପଡ଼ିବ। ଟୋଲ ଶୁଳ୍କରେ ତୁରନ୍ତ ଅଟୋମେଟିକ ରିହାତି ପାଇଁ ଫାଷ୍ଟଟ୍ୟାଗ ଏକ ପିକୃତ ପେମେଣ୍ଟ ବ୍ୟାଙ୍କ କିମ୍ବା ୱାଲେଟ ସହ ଯୋଡ଼ିହୋଇଥାଏ। ଏହା ବ୍ୟତୀତ ଫାଷ୍ଟଟ୍ୟାଗର ବ୍ୟବହାରକାରୀ ମାନେ ଫାଷ୍ଟଟ୍ୟାଗର ବ୍ୟବହାର କରି ଟୋଲ ଦେୟ ଦେବାବେଳେ ଏନଏଚଏଆଇ ତରଫରୁ ୨.୫%ରେ କ୍ୟାସବ୍ୟାକ ପାଇପାରିବେ।

# ବଲିଉଡର କସମେଟିକ ଚର୍ମତତ୍ୱ ବିଶେଷଜ୍ଞ ଡା. ଜୟଶ୍ରୀ ଟାଟା ସ୍କାଏ ବିୟୁଟିରେ ବଧୂ ମାନଙ୍କ ପାଇଁ ସ୍କିନ କେୟାର ଟିପ୍ସ ପ୍ରଦାନ କରିଛନ୍ତି



ଭୁବନେଶ୍ୱର: ବିବାହ ଋତୁର ଆଗମନ ସହ କନ୍ୟା ଏବଂ କନ୍ୟାଙ୍କର ବାନ୍ଧବୀମାନେ ବିବାହର ପ୍ରସ୍ତୁତି ପାଇଁ ତତ୍ପର ହୋଇଗଲେଣି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣଙ୍କର ବିବାହ ଦିନ ସବୁଠାରୁ ସୁନ୍ଦର ତ୍ୱଚା ଏବଂ କେଶ ପାଇବା। ଟାଟା ସ୍କାଏ ବିୟୁଟି ରେ ପ୍ରସାରିତ ହେଉଥିବା କଥୋପକଥନ କାର୍ଯ୍ୟକ୍ରମ 'ଅପନା ଖୟାଲ ରଖେଁ' ରେ ସେଲିବ୍ରିଟି କସମେଟିକ ଚର୍ମତତ୍ୱ ବିଶେଷଜ୍ଞ ଡା ଜୟଶ୍ରୀ ଶରଦ ଏହି ବିବାହ ଋତୁ ପାଇଁ କେତେକ ସହଜ ତ୍ୱଚା ଯତ୍ନର ପ୍ରଣାଳୀ ସମ୍ପର୍କରେ ଜଣାଇଛନ୍ତି। ବଲିଉଡର ରଣବିର କପୁରଙ୍କ ଠାରୁ ଜାକ୍‌ଲିନ ଫର୍ଣ୍ଣାଣ୍ଡିସଙ୍କ ଭଳି କେତେକ ବିଶିଷ୍ଟ ବଲିଉଡ ଅଭିନେତା ମାନେ ସେମାନଙ୍କ ତ୍ୱଚା ପାଇଁ ବିଶ୍ୱାସ କରୁଥିବା ତ୍ୱଚା ବିଶେଷଜ୍ଞ ଡା ଜୟଶ୍ରୀ ଶରଦ, ଆମର ଦୈନନ୍ଦିନ ଜୀବନରେ ସହଜ ଏବଂ ପ୍ରଭାବକାରୀ ଅଭ୍ୟାସର ପାଳନ କରି ଏହି ବିବାହ ଋତୁରେ କିଭଳି ଏକ ଚମକିତ ଏବଂ ସୁସ୍ଥ ତ୍ୱଚା ପାଇପାରିବା ତାହା ଉପରେ ଆଲୋକପାତ କରିଛନ୍ତି। ସଠିକ ସନସ୍କ୍ରିନର ବ୍ୟବହାର: ଉପଯୁକ୍ତ ଭାବେ ମଶ୍ଚରାଇଜ ଏବଂ ସୂର୍ଯ୍ୟଠାରୁ ସୁରକ୍ଷା ଆମ ତ୍ୱଚା ପାଇଁ ଆବଶ୍ୟକ ହୋଇଥାଏ। ଧ୍ୟାନ ରଖନ୍ତୁ ଆପଣ ସନସ୍କ୍ରିନ ବିନା ଯେପରି ଘରୁ ବାହାରକୁ ପାଦ ନ ରଖନ୍ତି। ତୈଳାକ୍ତ ତ୍ୱଚାର ଲୋକମାନେ ୱାଟର ବେସଡ, ମ୍ୟାଟ ଫିନିଶ ସନସ୍କ୍ରିନ ବ୍ୟବହାର କରିବା ଉଚିତ, ଯେବେକି ଶୁଷ୍କ ତ୍ୱଚା ଲୋକମାନେ ହାଇଡ୍ରେଟିଙ୍ଗ ତଥା ମଶ୍ଚରାଇଜ ଯୁକ୍ତ ସନସ୍କ୍ରିନର ବ୍ୟବହାର କରିବା ଉଚିତ। ମିସେଲାର ୱାଟରର ନିୟମିତ ବ୍ୟବହାର : ପ୍ରତ୍ୟେକ ଦିନ ଘରକୁ ଫେରିବା ପରେ ମିସେଲାର ୱାଟରରେ ମୁହଁ ଧୋଇବା ଉପାଦେୟ ହୋଇଥାଏ। ଏହା ମେକଅପ ଏବଂ ଲୋମକୂପ ଗୁଡ଼ିକରୁ ମଇଳାକୁ ବାହାର କରିବାରେ ସହାୟକ ହୋଇଥାଏ। ଏହା ଆପଣଙ୍କର ତ୍ୱଚାକୁ ସୁସ୍ଥ ରଖିଥାଏ ଏବଂ ତ୍ୱଚାରେ କମ୍ପାକ୍ଟ, ଆଇ-ସାଡୋ ଇତ୍ୟାଦିର ରହିଯାଇଥିବା କ୍ଷୁଦ୍ର ଅଂଶ ଗୁଡ଼ିକ ଯୋଗୁଁ ହେଉଥିବା କ୍ଷତିକୁ ଦୂର କରିଥାଏ। ଡାର୍କ ସର୍କଲ ପାଇଁ ଭିଟାମିନ ସିରମ: ଯେଉଁ ମାନଙ୍କର ଆଖି ଚାରିପଟେ ଡାର୍କ ସର୍କଲ ହୋଇଥାଏ ସେମାନେ ପ୍ରତି ରାତିରେ ଭିଟାମିନ କେ ସିରମ ର ବ୍ୟବହାର କରିବା ଉଚିତ ଏବଂ ଏହାକୁ କୋମଳତାର ସହ ଆଖି ତଳେ ଥାପିବା ଦରକାର। ପ୍ରତ୍ୟେକ ଗୋଟିଏ ଦିନ ବ୍ୟବଧାନରେ ରେଟିନଲ କ୍ରିମର ବ୍ୟବହାର ଅନୁଜ୍ୱଳ ତ୍ୱଚା ଏବଂ ଟେକ୍ସଚରକୁ ଦୁର କରିବାରେ ସହାୟକ ହୋଇଥାଏ। ଆପଣ ଭିଟାମିନ ସି ବଦଳରେ ରେଟିନଲ କ୍ରିମର ବ୍ୟବହାର କରିପାରିବେ। ଫେସମାସ୍କର ବ୍ୟବହାର : ବଜାରରେ ଅନେକ ପ୍ରକାରର ଫେସମାସ୍କ ଯେପରିକି କ୍ରିମ ଆଧାରିତ ମାସ୍କ, କ୍ଲେ ମାସ୍କ, ପାଉଡର ମାସ୍କ, ଗୋଲ୍ଡେନ ମାସ୍କ, ଜେଲ ମାସ୍କ ଆଦି ଉପଲବ୍ଧ ଏବଂ ଆମେ ଆମ ତ୍ୱଚାର ପ୍ରକାର ଏବଂ ଆବଶ୍ୟକତା ଅନୁଯାୟୀ ଏଗୁଡ଼ିକର ବ୍ୟବହାର କରିବା ଉଚିତ। ଗୋଟିଏ ଗୋଲ୍ଡେନ ମାସ୍କ ତ୍ୱଚାରେ ଚମକ ଆଣିବାରେ ସାହାଯ୍ୟ କରିଥାଏ। କ୍ରିମ ଆଧାରିତ ମାସ୍କ ସାଧାରଣ ଠାରୁ ଶୁଷ୍କ ତ୍ୱଚା ପାଇଁ ଉପଯୁକ୍ତ ହୋଇଥାଏ। ତୈଳାକ୍ତ ଏବଂ ବ୍ରଣ ଯୁକ୍ତ ତ୍ୱଚା ପାଇଁ କ୍ଲେ ମାସ୍କ ଭଲ ହୋଇଥାଏ। ସିଟ ମାସ୍କ ଏବଂ ଜେଲ ମାସ୍କ ସବୁପ୍ରକାର ତ୍ୱଚା ପାଇଁ ଉପଯୁକ୍ତ ହୋଇଥାଏ। ଆପଣଙ୍କ ତ୍ୱଚାର ପ୍ରକାର ଅପୁଯାୟୀ ସେଗୁଡ଼ିକର ବ୍ୟବହାର ଆପଣଙ୍କୁ ଏକ ସୁସ୍ଥ ଏବଂ ଉଜ୍ଜ୍ୱଳ ତ୍ୱଚା ପ୍ରଦାନ କରିଥାଏ। ନିଜର ମେକଅପକୁ ସବୁବେଳେ ଭଲ ଭାବେରେ ବାଛନ୍ତୁ ଏବଂ ଜାଣି ରଖନ୍ତୁ ଯେପରି ଆପଣ ସାରା ବର୍ଷ ଆପଣଙ୍କ ତ୍ୱଚାକୁ ସୁସ୍ଥ ଏବଂ ହାଇଡ୍ରେଟ ରଖିବାକୁ ଭୁଲିନଯାଆନ୍ତି ! ଡଃ ଜୟଶ୍ରୀ ତୁରନ୍ତ ସ୍ଥାୟୀ ଚିକିତ୍ସା ପାଇଁ ଫୋଟ ଫେସିଆଲ ଚିକିତ୍ସା ବଷୟରେ କହିଛନ୍ତି।

## ଛାତ୍ରୀ ମୃତ୍ୟୁକୁ ନେଇ ସ୍କୁଲ ସମ୍ମୁଖରେ ଉତ୍ତେଜନା

ଘଟଗାଁ: କେନ୍ଦୁଝରର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ମସିଣାଯୋଡି ଏଜୁକେସନାଲ କମ୍ପେକ୍ସ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ମୃତ୍ୟୁ ଘଟିଛି। ଛାତ୍ରୀ ଜଣକ ଅସୁସ୍ଥ ହେବା ପରେ ସ୍କୁଲ ପକ୍ଷରୁ ଚିକିତ୍ସା ଅବହେଳା କାରଣରୁ ମୃତ୍ୟୁ ହୋଇଥିବା ଅଭିଭାବକ ଅଭିଯୋଗ କରିଥିଲେ। କୌଣସି ମେଡିକାଲ ରିପୋର୍ଟ ପରିବାରକୁ ଦିଆଯାଇନଥିବା ସହ ଘର ବାରଣ୍ଡାରେ ସ୍କୁଲ କର୍ତ୍ତୃପକ୍ଷ ମୃତଦେହ ଛାଡି ଚାଲି ଯାଇଥିବାକୁ ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସକୁ ସୂଚନା ଦେବା ପରେ ତଦନ୍ତ ବିଳମ୍ବ କାରଣରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀଙ୍କ ଶବ ୧୨ଘଂଟା ଧରି ସ୍କୁଲ ସମ୍ମୁଖରେ ପଡିରହିଥିଲା। ସ୍କୁଲ ସମ୍ମୁଖରେ ଶବ ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ଉତ୍ତେଜନା ପ୍ରକାଶ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନାକୁ ନେଇ ପଣ୍ଡାପଡା ପୋଲିସ ଓ ସ୍କୁଲ କର୍ତ୍ତୃପକ୍ଷ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଦେବା ପରେ ଧାରଣା ହଟିବା ସହ ଛାତ୍ରୀର ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଯାଇଥିଲା।

# ଯୀଶୁଙ୍କ ଜୀବନ ଦର୍ଶନ ସାଧନା ଏବଂ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର :ପ୍ରଭୁ ଯୀଶୁଙ୍କ ଜୀବନୀ ଆଧାରରେ ଅତି ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରି ସେ ଦେଇଥିବା ମାନବିକତା ଏବଂ ବଳିଦାନର ଶିକ୍ଷା ବର୍ତ୍ତମାନ ସ୍ଥିତିରେ ଅତୀବ ଜରୁରୀ ବୋଲି ରେଭରେଣ୍ଡ ପଲ୍ଲବ କୁମାର ଲୀମା ଉପସ୍ଥିତ ଶ୍ରୋତାମଣ୍ଡଳୀକୁ ସଜାଗ କରାଇ ଦେଇଥିଲେ। ସେହିପରି ଗୁରୁଦ୍ୱାର ସିଂହ ସଭାର ସେକ୍ରେଟାରୀ ସର୍ଦ୍ଦାର ଯଶପାଲ ସିଂହ ଜୀ ଏପରି ଏକ ସମୟୋପଯୋଗୀ ସମାବେଶର ଆୟୋଜ କରିଥିବାରୁ ଉଦ୍ୟୋକ୍ତାମାନଙ୍କୁ ସାଧୁବାଦ ଜଣାଇବା ସହିତ ବାବା ଗୁରୁ ନାନକ ଦେବ ଜୀବନ ଦର୍ଶନ, ସାଧନା ଏବଂ ଶିକ୍ଷା ଉପରେ ସମ୍ୟକ ଆଲୋକପାତ କରିଥିଲେ। ବାବାଜୀଙ୍କ ଜୀବନର ଅନେକ ରୋଚକ କଥାମାନ ଉଦ୍ଧାର କରି ଆଜିକାର ଏହି ବସ୍ତୁବାଦ ସମାଜରେ ବାବାଙ୍କ ଜୀବନ ଚରିତ କେତେ ପ୍ରଭାବୀ ସେ ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ଜନାବ୍ ଶଫା ମଦୀ ସାହେବ ନିଜର ସାରଗର୍ଭକ ବକ୍ତବ୍ୟ ମାଧମୟମରେ ସମାଜ ଓ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ଇସଲାମ ଧର୍ମର ପ୍ରବର୍ତ୍ତକ ହଜରତ୍ ମହମ୍ମଦ ସାରା ବିଶ୍ୱକୁ ଦେଇଥିବା ସତ୍ୟ ଓ ନ୍ୟାୟର ବାର୍ତ୍ତା ଉପରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋକପାତ କରିଥିଲେ। ହଜରତ୍ ମହମ୍ମଦ କହିଥିଲେ- ଯାହା ପାଖରେ ମାନବିକତା ନାହିଁ, ତା' ପାଖରେ କୌଣସି ଧର୍ମ ନାହିଁ। ଆମ ଦେଶର ବିଶେଷତା ହେଉଛି ବିଭିନ୍ନତା ମଧ୍ୟରେ ଏକତା। ଆମେ ସ୍ନେହ, ପ୍ରେମ, ଦୟା, କ୍ଷମା ଆଦି ଐଶ୍ୱରିକ ଗୁଣଗୁଡ଼ିକୁ ଆହରଣ କରିପାରିଲେ ଆମମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ଭାଇଚାରାର ଭାବନା ସୃଷ୍ଟି ହେବ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାତାବରଣ ସୃଷ୍ଟି ହୋଇପାରିବ।

# 'ଇଣ୍ଟରଡିପେଣ୍ଡେନ୍ସ' ଚଳଚ୍ଚିତ୍ର ୱାର୍ଲ୍ଡ ପାନୋରମା ଏସିଆ ପ୍ରେମିୟରର ଅଂଶ ଭାବେ ଗୋଆଠାରେ ପୁଣିଥରେ ପ୍ରଦର୍ଶିତ

ଭୁବନେଶ୍ୱର : ୱାର୍ଲ୍ଡ ପାନୋରମା ଏସିଆ ପ୍ରେମିୟରର ଅଂଶ ଭାବେ ଗୋଆଠାରେ ପୁଣିଥରେ 'ଇଣ୍ଟରଡିପେଣ୍ଡେନ୍ସ' ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ୧୧ଟି ଦେଶର ୧୧ ଜଣ ଆ'ର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା, ଏହି ପ୍ରସଙ୍ଗରେ ଏକ ସ୍ୱତନ୍ତ୍ର ସଙ୍କଳନ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକତ୍ରୀତ ହୋଇଥିଲେ। ନୀଳମାଧବ ପଣ୍ଡା ନିଜ କାଷ୍ଟ ଦିବ୍ୟା ଦତା ଓ ମରୀ ଫଡ୍‌ନିସ୍‌ଙ୍କ ସହ ନିଜର ସର୍ଟ ଫିଲ୍ମ (ଲଘୁ ଚଳଚ୍ଚିତ୍ର) 'ମେଘାସ୍ ଡିଭର୍ସ' ପାଇଁ ରେଡ୍ କାର୍ପେଟ୍‌ରେ ଚାଲିଥିଲେ, ଯାହାକି ଇଣ୍ଟରଡିପେଣ୍ଡେନ୍ସ ପ୍ରକଳ୍ପର ଏକ ଅଂଶ ଅଟେ। ବହୁସଂଖ୍ୟକ ଦର୍ଶକ ଏହି ଫିଲ୍ମର ମଜା ଉଠାଇଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ନୀଳମାଧବ ପଣ୍ଡା କହିଥିଲେ ଯେ, ଆଇଏଫ୍ଏଫ୍ଆଇର ୫୦ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ତାଙ୍କ ପାଇଁ ଏକ ସମ୍ମାନ ଥିଲା। ଆମର ଫିଲ୍ମ ଇଣ୍ଟରଡିପେଣ୍ଡେନ୍ସର ଏସିଆ ପ୍ରେମିୟର ହୋଇଥିବାରୁ ଆମେ ଖୁବ୍ ଗର୍ବିତ। ମୁଁ ଆଶା କରୁଛି ଏହି ଫିଲ୍ମଟି ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ପ୍ରସଙ୍ଗ ଉପରେ ଅତ୍ୟାବଶ୍ୟକତାର ଚେତନା ସୃଷ୍ଟି କରିପାରିବ।ଅଭିନେତ୍ରୀ ଦିବ୍ୟା ଦତା କହିଥିଲେ ଯେ, 'ଏଭଳି ଏକ ପ୍ରାସଙ୍ଗିକ ଫିଲ୍ମ ବିଶ୍ୱର ଯେକୌଣସି କୋଣରେ ବାସ କରୁଥିବା ଲୋକଙ୍କ ନିକଟରେ ଏହାକୁ ପୁଣିଥରେ ଦୋହରାଇବ ଯେ, ସେମାନେ ସମସ୍ତେ ସମାନ ସମସ୍ୟାର ସମ୍ମୁଖିନ ହେଉଛନ୍ତି !! ମୁଁ ଖୁବ୍ ପ୍ରଭାବିତ ହୋଇଥିଲି ଏବଂ ଏହି ଜଳବାୟୁ ପରିବର୍ତ୍ତନ ପ୍ରତି ଜଣେ ମୁକ ଦର୍ଶକ ହୋଇ ରହିବାକୁ ଚାହୁଁନଥିଲି। ମୁଁ ମୋ ନିଜଠାରେ ଏକ ଭିନ୍ନତା ଆଣିବାକୁ ଚେଷ୍ଟା କରିବି। ନୀଳମାଧବଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବାରୁ ମୁଁ ଖୁବ୍ ଖୁସି। ଏହା ଏକ ବିଶାଳ ସନ୍ଦେଶ ସହ ସାଧାରଣ କାହାଣୀ ଯାହାକୁ ଖୁବ୍ ସରଳ ଭାବେ ଉପସ୍ଥାପନ କରାଯାଇଛି। ଏହା ପ୍ରତି ଦର୍ଶକଙ୍କ ଭଲପାଇବା ଓ ପ୍ରଶଂସା ଏହାକୁ ବର୍ଣ୍ଣନା କରୁଛି।ସେହିପରି ମରୀ ଫଡ୍‌ନିସ କହିଥିଲେ, 'ମୁଁ ଭାବୁଛି ଇଣ୍ଟରଡିପେଣ୍ଡେନ୍ସ ହେଉଛି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଫିଲ୍ମ ଯାହାକୁ ସମଗ୍ର ବିଶ୍ୱବ୍ୟାପୀ ଦର୍ଶକ ଦେଖିବା ଉଚିତ। ଆମେ ଜାଣି ରଖିବା ଉଚିତ ଯେ, ଆମେ ଆମ ଜାଣତରେ କିମ୍ବା ଅଜାଣତରେ ପରିବେଶ ପ୍ରତି କଣ କରୁଛନ୍ତି, ଏହାର ଫଳାଫଳ କଣ ହେବ ତାହାକୁ ଆମେ ଅନୁଭବ କରିବା ଉଚିତ ଏବଂ ଏକ ଫିଲ୍ମ ଭଳି ସବୁଠାରୁ ପସନ୍ଦଯୋଗ୍ୟ ମାଧ୍ୟମ ଆଉ କଣ ହୋଇପାରେ !'' 'ଇଣ୍ଟରଡିପେଣ୍ଡେନ୍ସ' ହେଉଛି ଜିନେଭା, ବିଶ୍ୱ ପାଣିପାଗ ସଂଗଠନ ଓ ମିଲାନ ସହରରେ ରେ ମିଳିତ ଜାତିସଂଘର ଏକ ସଂରକ୍ଷଣ ସହ ଏବଂ ଡିଡିସିଇ/ଡିଏଫ୍ଏଇ (ସ୍ୱିସ୍ ଡାଇରେକ୍ସନ ଅଫ୍ ଡେଭ୍‌ଲପ୍‌ମେଂଟ ଆଣ୍ଡ କୋଅପରେସନ/ମିନିଷ୍ଟ୍ରି ଅଫ୍ ଫରେନ୍ ଆଫାୟାର୍ସ), ଇୟୁ/ଇଏଫ୍ଆଇ/ଆଇଟିସି (ୟୁରୋପିୟନ ୟୁନିୟନ/ଏଥିକାଲ ଫ୍ୟାସନ ଇନିସିଏଟିଭ୍/ଇଂଟରନ୍ୟାସ୍‌ନାଲ ଟ୍ରେଡ୍ ସେଂଟର୍), ଗେଲ୍ (ଇଣ୍ଡିଆ), ଏସ୍ଇଏସ୍‌ସି ସାଓ ପାଓଲୋ (ବ୍ରାଜିଲ) ଏବଂ ଅନ୍ୟମାନଙ୍କ ସହଯୋଗରେ ଦି ୱାର୍ଲ୍ଡ ପ୍ରଡକ୍ସନର ଏକ ଆର୍ଟ।

# ଏଡେଲ୍‌ୱିସ୍‌ର ଭୁବନେଶ୍ୱରରେ ବାର୍ଷିକ ଭିତିରେ ୧୭୭% ଅଭିବୃଦ୍ଧି



ଭୁବନେଶ୍ୱର: ବେତନଭୋଗୀ ପେସାଦାର ଓ ଧନୀକ ଭାରତୀୟଙ୍କୁ ସେବା ପ୍ରଦାନ କରୁଥିବା ଏଡେଲ୍‌ୱିସ୍ ଗ୍ଲୋବାଲ ଇନଭେଷ୍ଟମେଂଟ୍ ଆଡଭାଇଜରିର ବ୍ୟକ୍ତିଗତ ସଂପତି ପରିଚାଳନା ବ୍ୟବସାୟ ପକ୍ଷରୁ ଆଜି ଘୋଷଣା କରାଯାଇଛି ଯେ ଭୁବନେଶ୍ୱରରେଏହାର ମୋବାଇଲ୍ ଆପ୍ଲିକେସନ୍-ଏଡେଲ୍‌ୱିସ୍ ମୋବାଇଲ୍ ଟ୍ରେଡର୍ ବ୍ୟବହାରରେ ବିଗତ ଦୁଇ ବର୍ଷ ତୁଳନାରେ ୨୦୧୮-୧୯ରେ ଉଲ୍ଲେଖନୀୟ ଭାବେ ୧୭୭ ପ୍ରତିଶତ ବୃଦ୍ଧି ଘଟିଛି ଯାହାକୁ ନିବେଶ ଏବଂ ଟ୍ରେଡିଂ ପାଇଁ ବ୍ୟବହାର କରାଯାଉଛି।ଏଡେଲ୍‌ୱିସ୍ ପର୍ସନାଲ୍ ୱେଲ୍‌ଥ ଆଡଭାଇଜରି ବିଗତ ଦୁଇଟି ଆର୍ଥିକ ବର୍ଷରେ ଭୁବନେଶ୍ୱରରେ ଏହାର କ୍ଲାଏଂଟ୍ ସଂଖ୍ୟାରେ ୨୫% ବୃଦ୍ଧି ହାସଲ କରିଥିବା ବେଳେ ସାରା ଭାରତରେ ବିଗତ ତିନି ଆର୍ଥିକ ବର୍ଷରେ ରାଜସ୍ୱ କ୍ଷେତ୍ରରେ ୩୫% ସିଏଜିଆର୍ ଅଭିବୃଦ୍ଧି ହାସଲ କରିଛି। ନିବେଶକମାନଙ୍କୁ (ବିଶେଷ କରି ଖୁଚୁରା ନିବେଶକଙ୍କୁ) ବ୍ୟବହାରକାରୀ ମିତବ୍ୟୟୀ ଓ କଂପାନି ଭିତରେ ବିକଶିତ କରାଯାଇଥିବା ଅତ୍ୟାଧୁନିକ ପ୍ରଯୁକ୍ତି ପ୍ଲାଟଫର୍ମ, ଯାହା ଆର୍ଥିକ ବଜାରରେ ସୁବିଧାରେ ନିବେଶ ଓ ଟ୍ରେଡିଂ କରିବାରେ ସହାୟକ ହେଉଛି ତାହା ଜରିଆରେ ବ୍ୟକ୍ତିଗତ ସୁହାଇବା ଭଳି ଏବଂ ନିରପେକ୍ଷ ପରାମର୍ଶ ପ୍ରଦାନ କରୁଥିବାରୁ କଂପାନି ଏଭଳି ଅଭିବୃଦ୍ଧି ହାସଲ କରିଛି। ଏହି ସମ୍ପର୍କରେ ଘୋଷଣା କରି ଶ୍ରୀଯୁକ୍ତ ରାହୁଲ ଜୈନ, ମୁଖ୍ୟ-ପର୍ସନାଲ୍ ୱେଲ୍‌ଥ ଆଡଭାଇଜରି, ଏଡେଲ୍‌ୱିସ୍ କହିଛଁ ଯେ, 'ଭାରତ ଏବେ ଉଲ୍ଲେଖନୀୟ ପର୍ଯ୍ୟାୟରେ ରହିଛି ଏବଂ ସଂପତି ପରିଚାଳନା ଶିଳ୍ପରେ ଦେଖାଦେଇଥିବା ପରିବର୍ତ୍ତନକୁ ଗ୍ରହଣ କରିବାର ଏହା ହେଉଛି ଉପଯୁକ୍ତ ସମୟ। ଆମେ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବାର ସ୍ୱପ୍ନକୁ ଅନୁଧାବନ କରୁଥିବା ବେଳେ ମୁଁ ଭାବୁଛି ବ୍ୟବସାୟ କ୍ଷେତ୍ରରେ ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଆମର ଗ୍ରାହକମାନଙ୍କୁ ପ୍ରଯୁକ୍ତି ଭିତିରେ ଶ୍ରେଷ୍ଠ ଶ୍ରେଣୀର ପରାମର୍ଶ ପ୍ରଦାନ କରିବା ହେଉଛି ଆମ ସେବାର ମୂଳମନ୍ତ୍ର। ଗ୍ରାହକଙ୍କ ଆଶାରେ ପରିବର୍ତ୍ତନ ହେଉଥିବାରୁ, ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିଜର ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ଲାଗି ସୁବିଧା ଓ ଉପଯୋଗୀ ପରାମର୍ଶ ଆଶା କରୁଥିବା ଗ୍ରାହକଙ୍କୁ ଶୀଘ୍ର ଓ ଅଭିନବ ସମାଧାନ ପ୍ରଦାନ କରିବା ଦିଗରେ ଆମେ କାର୍ଯ୍ୟ କରୁଛୁ।'' 'ଓଡ଼ିଶାରେ ଆମର ଅଭିବୃଦ୍ଧିକୁ ନେଇ ଆମେ ବହୁତ ଉତ୍ସାହିତ। ଏଠାରେ ପ୍ରଯୁକ୍ତିର ବିଶେଷ କରି ଆମ ଆପ୍ ଏଡେଲ୍‌ୱିସ୍ ମୋବାଇଲ୍ ଟ୍ରେଡର୍ (ଇଏମ୍‌ଟି)ର ଗ୍ରହଣୀୟତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ଯାହାର ପରିଣାମ ସ୍ୱରୂପ ବିଗତ ଦୁଇଟି ଆର୍ଥିକ ବର୍ଷରେ ଆମର କ୍ଲାଏଂଟ୍ ସଂଖ୍ୟା ବଢ଼ିପାରିଛି।'', ବୋଲି ରାହୁଲ କହିଛନ୍ତି।




ରାଜ୍ୟସ୍ତରୀୟ ଅକ୍ଷୟ ମହୋତ୍ସବ ୨୦୧୯ ସପ୍ତଦଶ ବାର୍ଷିକ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର ଗୌର ମହାପାତ୍ରଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଉଛ। ପାର୍ଶ୍ୱରେ ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତା ଉପସ୍ଥିତ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray